୬



## ଦିନିକିଆରୁ ଅବସର ନେଲେ ନ୍ୟୁଜିଲାଣ୍ଡର ଫାଷ୍ଟ ବୋଲର ଲିଆ ତାହୁହୁ


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୩୮ ● ୯ ମାର୍ଚ୍ଚ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-38 ● 9th March 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ମହିଳାଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମରେ ଗଠନ ହେବ ବିକଶିତ ଓ ସମୃଦ୍ଧ ଓଡ଼ିଶା

ଭୁବନେଶ୍ୱର,୮।୩

ନ୍ୟୁଜ୍‌ବ୍ୟୁରୋ

ମାତ୍ର ଦେଢ଼ ବର୍ଷ ଭିତରେ ମାଆମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଭୁତପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି। ଆଗାମୀ ଦିନରେ ଅଧିକରୁ ଅଧିକ ମାଆ ଏହି ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ। ପୁରୀ ଜିଲ୍ଲା ତଳବଣିଆରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସୁଭଦ୍ରା' ଯୋଜନାରେ ଚତୁର୍ଥ କିସ୍ତି ପ୍ରଦାନ କରି ଏଭଳି କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚତୁର୍ଥ ପର୍ଯ୍ୟାୟରେ ୧,୦୨,୧୨,୬୬୫ ଜଣ 'ସୁଭଦ୍ରା' ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ମୋଟ୍ ୫,୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ସହାୟତା ରାଶି ହିତାଧିକାରୀଙ୍କୁ ବଣ୍ଟା ଯାଇଛି। ଏଥିରେ ପୁରୀ ଜିଲ୍ଲାର ୪,୨୦,୮୫୪ ଜଣ ମହିଳା ରହିଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସରେ ଉପସ୍ଥିତ ସୁଭଦ୍ରା ଭଉଣୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇ କହିଥିଲେ ଯେ ରାଜ୍ୟରେ ମହିଳାମାନଙ୍କୁ ସଶକ୍ତ କରିବାରେ 'ସୁଭଦ୍ରା' ଯୋଜନା ସଫଳ ହୋଇଛି। ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ଏହି ଯୋଜନା ସ୍ୱତନ୍ତ୍ର ପରିଚୟ ଦେଇଛି। 'ସୁଭଦ୍ରା' ଯୋଜନା ରାଜ୍ୟର ମହିଳାମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି।




ସୁଭଦ୍ରା ଯୋଜନା ଜରିଆରେ ସଫଳତା ପାଇଥିବା ହିତାଧିକାରୀଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ହେଉଛି ସରକାରଙ୍କ ପ୍ରଥମ ପ୍ରାଥମିକତା ଏବଂ ସୁଭଦ୍ରା ଯୋଜନା ଏହାର ଏକ ସଫଳ ଉଦାହରଣ। ଅନୁଗୁଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି।

ସେ ପୁଣି କହିଥିଲେ ଯେ ଆଇଆଇଏମ ସମ୍ବଲପୁରର ସର୍ଭେ ରିପୋର୍ଟ ଅନୁଯାୟୀ ୨୫.୫୨ ପ୍ରତିଶତ ହିତାଧିକାରୀ ସୁଭଦ୍ରା ସହାୟତାରୁ ବ୍ୟବସାୟ ଆରମ୍ଭ କରିଥିବାବେଳେ ୩୫.୭ ପ୍ରତିଶତ ମହିଳା ଘରୋଇ ଆବଶ୍ୟକତା ପୂରଣରେ ବ୍ୟବହାର କରିଛନ୍ତି। ଏହା ସହିତ ଅନେକ ମହିଳା ଋଣ ପରିଶୋଧ, ସଞ୍ଚୟ ଓ ଦକ୍ଷତା ବୃଦ୍ଧିରେ ମଧ୍ୟ ଏହି ଅର୍ଥ ବ୍ୟବହାର କରି ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ହାସଲ କରିଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ରହିବ। ସଶକ୍ତ ମହିଳାଙ୍କ ନେତୃତ୍ୱରେ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ହେବ। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲେନିଆର ଦିଦି' ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ (ପୃଷ୍ଠା ୭ରେ)

## ଟି-୨୦ ବିଶ୍ୱକପ୍ ୨୦୨୬

# ଭାରତ ପୁଣି ଚାମ୍ପିଅନ

ଅହମଦାବାଦ,୮।୩

ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ ଅହମଦାବାଦରେ ଦେଶର କୋଟିକୋଟି ପ୍ରଶଂସକ, କ୍ରୀଡ଼ାପ୍ରେମୀ ଓ ଦର୍ଶକଙ୍କ ହୃଦୟ ଜିତିଛନ୍ତି। ଷ୍ଟାଡିୟମରେ ଉପସ୍ଥିତ ଲକ୍ଷାଧିକ ଦର୍ଶକ ଭାରତୀୟ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଦେଖି ଯେତିକି ଉତ୍ସାହିତ ହୋଇଛନ୍ତି, ଜମ୍ମୁ କଶ୍ମୀରରୁ କନ୍ୟାକୁମାରୀ ଏବଂ ମଣିପୁରରୁ ରାଜସ୍ଥାନ ପର୍ଯ୍ୟନ୍ତ ଗାଁଠାରୁ ସହର ପର୍ଯ୍ୟନ୍ତ ରହୁଥିବା ଲୋକେ ସେତିକି ଗର୍ବ ଅନୁଭବ କରିଛନ୍ତି। କ୍ରିକେଟ୍‌ପ୍ରେମୀମାନେ ରବିବାର ରାତିରେ ଭାରତୀୟ ଟିମ୍‌ର ବିଜୟକୁ ଦୀପାବଳି ଭଳି ପାଳନ କରିଛନ୍ତି। ଭାରତୀୟ ସହରଗୁଡ଼ିକରେ ବାଣ ଓ ଫୋଟକାର ଶବ୍ଦ ଦୀପାବଳିର ଝଲକ୍ ଦେଖାଯାଇଛି। କେବଳ ଏତିକି ନୁହେଁ, ଭାରତ ବାହାରେ ରହୁଥିବା ଭାରତୀୟ ନାଗରିକମାନେ ମଧ୍ୟ ଉତ୍ସାହିତ ଦେଖାଯାଇଛନ୍ତି। ଟି୨୦ ବିଶ୍ୱକପ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ଥର ଚାମ୍ପିଅନ ହୋଇଥିବା ବେଳେ ଏହି ଟ୍ରଫି ପାଇଁ ସ୍ୱପ୍ନ ଦେଖିଥିବା କିୱି ଦଳର ସ୍ୱପ୍ନ ଧୂଳିସାତ୍ ହୋଇଛି। ପୂର୍ବରୁ ଭାରତ ୨୦୨୪ରେ ଟି୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ରବିବାର ଭାରତର ବିଜୟରେ ସଂଜୁ ସାମସନ, ଅକ୍ଷର ପଟେଲ, ଜସପ୍ରୀତ ବୁମ୍‌ରା, ଅଭିଷେକ ଶର୍ମା ଓ ଈଶାନ କିଶନ ନାୟକ ସାଜିଛନ୍ତି। ଏହି ମ୍ୟାଚ୍‌ରେ ଅନ୍ୟ ଭାରତୀୟ ଖେଳାଳି ମଧ୍ୟ ପ୍ରଶଂସନୀୟ ପ୍ରଦର୍ଶନ କରିଛନ୍ତି।




ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପଡ଼ିଆକୁ ଓହ୍ଲାଇଥିବା ଭାରତୀୟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୫୫ ରନ୍ ସଂଗ୍ରହ କରିଥିଲେ। ଫଳରେ ନ୍ୟୁଜିଲାଣ୍ଡ ଚାପଗ୍ରସ୍ତ ହୋଇ ପଡ଼ିଆକୁ ଓହ୍ଲାଇଥିଲା। ଦଳ ୫୦ ରନ୍ ପୂର୍ବରୁ ଆଗଧାଡ଼ିର ୩ଜଣ ଖେଳାଳିଙ୍କୁ ହରାଇଥିଲା। ଏହି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେବା ସହିତ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ (ପୃଷ୍ଠା ୭ରେ)

## ମଧ୍ୟପ୍ରାଚ୍ୟ ଯୁଦ୍ଧ : ଘରକୁ ସୁରକ୍ଷିତ ଫେରିଲେ ୫୨ ହଜାର ଭାରତୀୟ

ନୂଆଦିଲ୍ଲୀ, ୮।୩

ଆକ୍ରମଣ, ଆତଙ୍କ ଆଉ ବିସ୍ଫୋରଣ। ପ୍ରତି ମୁହୂର୍ତ୍ତରେ ଜୀବନ ପ୍ରତି ବିପଦ। ମନରେ ଭୟ। ଯୁଦ୍ଧ ଭିତରେ କିପରି ସୁରକ୍ଷିତ ରହିବେ ତାକୁ ନେଇ ଚିନ୍ତା ଭିତରେ ଘରକୁ ଫେରିଛନ୍ତି ଭାରତୀୟ।ଗତ ଫେବୃୟାରୀ ୨୮ରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ପ୍ରାୟ ୫୨,୦୦୦ ଭାରତୀୟ ନିଜ ଦେଶକୁ ଫେରିଥିବା ଜଣାପଡ଼ିଛି। ମୋଟ ୨୮୦ ବିମାନରେ ୫୨,୩୬୦ ଜଣ ଭାରତ ଆସିଛନ୍ତି। ସେଥିମଧ୍ୟରୁ ୧୮୪ ବିମାନ ଭାରତୀୟ ଏୟାରଲାଇନ୍ସର ଥିଲା। ସେଥିରେ ୩୨,୦୬୨ ଯାତ୍ରୀ ଭାରତ ଆସିଛନ୍ତି। ସେହିପରି ୮୫ ବିଦେଶୀ ବିମାନରେ ୧୯,୭୫୪ ଭାରତୀୟ ଫେରିଛନ୍ତି। ୧୧ ଚାର୍ଟର ବିମାନରେ ୫୪୪ ଜଣ ଆସିଛନ୍ତି।

ଅନ୍ୟପକ୍ଷରେ ଏୟାର ଇଣ୍ଡିଆ, ଇଣ୍ଡିଗୋ, ଆକାଶ ଏୟାର, ସ୍ପାଇସ୍ ଜେଟ୍ ଆଦି ଘରୋଇ ଏୟାରଲାଇନ୍ସଗୁଡ଼ିକ ମଧ୍ୟପ୍ରାଚ୍ୟର ଦୁବାଇ, ଆବୁଧାବି, ଫୁଜିରାହ, ଜେଦାହରେ କିଙ୍ଗ୍ ଅବଦୁଲଜିଜ୍ ଆଦି ଅନ୍ତର୍ଜାତୀୟ ବିମାନବନ୍ଦରକୁ ସୀମିତ ଉଡ଼ାଣ ଆରମ୍ଭ କରିଛନ୍ତି। ସେହିପରି ୟୁରୋପ ଏବଂ ଉତ୍ତର ଆମେରିକାକୁ ଏୟାର ଇଣ୍ଡିଆର ସେବା ସ୍ୱାଭାବିକ ରହିଛି। ସେପଟେ ଆକ୍ରମଣ ଯୋଗୁ ସାମୟିକ ଭାବେ ବନ୍ଦ ଥିବା (ପୃଷ୍ଠା ୭ରେ)

# ସଫଳ ହେଲା ଜୟଶଙ୍କରଙ୍କ କୂଟନୀତି

ନୂଆଦିଲ୍ଲୀ, ୮।୩

ରବିବାର ନବମ ଦିନ ପାଇଁ ଆମେରିକା ଏବଂ ଇସ୍ରାଏଲ ବିରୁଦ୍ଧରେ ଇରାନର ଯୁଦ୍ଧ ଜାରି ରହିଛି। ଉପସାଗରରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଦୁଇଟି ଭାରତୀୟ ମାଲବାହୀ ଜାହାଜ ହର୍ମୁଜ ପ୍ରଣାଳୀ ଦେଇ ଗତି କରୁଥିବା ଦେଖାଯାଇଛି। ସାମୁଦ୍ରିକ ଟ୍ରାକିଂ ତଥ୍ୟ ଅନୁଯାୟୀ, 'ପୁଷ୍ପକ' ଏବଂ 'ପରିମଲ' ନାମକ ଜାହାଜଗୁଡ଼ିକ ସମ୍ପ୍ରତି ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ଦେଇ ଗତି କରିଥିଲେ।

ଏହି ବିକାଶ ଏପରି ଏକ ସମୟରେ ହୋଇଛି ଯେତେବେଳେ ଏହି ଅଞ୍ଚଳରେ ସୁରକ୍ଷା ବିପଦ ବୃଦ୍ଧି ପାଇବା ହେତୁ ଅନେକ ବିଶ୍ୱ ପରିବହନ କମ୍ପାନୀ ଏହି ମାର୍ଗ ବ୍ୟବହାର କରିବାରେ ସତର୍କତା ଅବଲମ୍ବନ କରୁଛନ୍ତି।

ହୋର୍ମୁଜ ପ୍ରଣାଳୀକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହା ପାରସ୍ୟ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରେ ଏବଂ ବିଶ୍ୱ ତୈଳ ଯୋଗାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହା ଦେଇ ଗତି କରେ।



ସାମୁଦ୍ରିକ ଟ୍ରାକିଂ ତଥ୍ୟ ଅନୁଯାୟୀ, ଭାରତୀୟ ଜାହାଜ, ପୁଷ୍ପକ ଏବଂ ପରିମଲ, ପ୍ରଣାଳୀ ଦେଇ ଦ୍ରୁତ ଗତିରେ ଗତି କରୁଥିବା ପରିଲକ୍ଷିତ ହୋଇଛି। ଏହି ଅଞ୍ଚଳରେ ବର୍ଦ୍ଧିତ ସୁରକ୍ଷା ବିପଦ ଯୋଗୁ, ଏହି ଜାହାଜଗୁଡ଼ିକର ଗତିବିଧି ଉପରେ ବିଶେଷ (ପୃଷ୍ଠା ୭ରେ)

## ପଶ୍ଚିମ ଏସିଆରେ ପୁଣି ଉତ୍ତେଜନା ୮୩ ଶିଶୁଙ୍କ ସମେତ ୩୯୪ ମୃତ

ନୂଆଦିଲ୍ଲୀ, ୮।୩

ପଶ୍ଚିମ ଏସିଆରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ରବିବାର ଲେବାନନର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଇସ୍ରାଏଲ ଏବଂ ଉଗ୍ରବାଦୀ ସଂଗଠନ ହିଜବୁଲା ମଧ୍ୟରେ ଗତ ସପ୍ତାହରୁ ଆରମ୍ଭ ହୋଇଥିବା ସଂଘର୍ଷରେ ଏପର୍ଯ୍ୟନ୍ତ ୩୯୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୮୩ ଜଣ ଶିଶୁ ଅଛନ୍ତି, ଯାହା ଏହି ସଂଘର୍ଷ ଯୋଗୁଁ ସୃଷ୍ଟି ହୋଇଥିବା ମାନବିକ ସଙ୍କଟକୁ ଆହୁରି ତୀବ୍ର କରୁଛି। ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ନିରନ୍ତର ଆକାଶ ମାର୍ଗରେ ରକେଟ ଆକ୍ରମଣ ଯୋଗୁଁ ବହୁ ସଂଖ୍ୟକ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ହସ୍ପିଟାଲଗୁଡ଼ିକ ଚାପଗ୍ରସ୍ତ ଅଛନ୍ତି ଏବଂ ଅନେକ ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଆଶୁତୋଷ ରଥ ହେଲେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ)

ଭୁବନେଶ୍ୱର,୮।୩

ନ୍ୟୁଜ୍‌ବ୍ୟୁରୋ

ଆଶୁତୋଷ ରଥଙ୍କୁ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ପଦବୀକୁ ପଦୋନ୍ନତି ଦିଆଯାଇଛି। ସେ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟରେ ମୁଖ୍ୟ ମହା ପ୍ରବନ୍ଧକ (ମାନବ ସମ୍ବଳ) ସହିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ)ର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଏହି ସମୟରେ ସେ କମ୍ପାନୀର ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ, ସାଂଗଠନିକ ବିକାଶ, କର୍ମଚାରୀଙ୍କ ସହଭାଗିତା ଏବଂ ନୀତି ପ୍ରଣୟନ ଭଳି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ତାଙ୍କ ନେତୃତ୍ୱରେ ନାଲ୍‌କୋର କର୍ପୋରେଟ୍ ମୁଖ୍ୟାଳୟ ସହ ବିଭିନ୍ନ ୟୁନିଟ୍ ଏବଂ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମାନବ ସମ୍ବଳ ବିଭାଗକୁ ସୁଦୃଢ଼ (ପୃଷ୍ଠା ୭ରେ)



# ଦିଲ୍ଲୀରୁ ମମତାଙ୍କୁ ମୋଦୀଙ୍କ ଟାର୍ଗେଟ





ନୂଆଦିଲ୍ଲୀ, ୮।୩

ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କୁ ଅସମ୍ମାନୀତ କରାଯାଇଥିବା ନେଇ ଶନିବାରଠାରୁ ଲାଗି ରହିଛି ବିବାଦ। ମମତାଙ୍କୁ ବିଜେପି ନେତାମାନେ ସମାଲୋଚନା କରୁଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ମମତାଙ୍କୁ ସମାଲୋଚନା କରିଛନ୍ତି। ଏହାସହ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରୁ ମମତାଙ୍କୁ ଟାର୍ଗେଟ କରିଛନ୍ତି ଶ୍ରୀ ମୋଦୀ। ଦିଲ୍ଲୀ ମେଟ୍ରୋ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଥିଲେ କି, ଆଜି ଦେଶ ମହିଳା ଦିବସ (ପୃଷ୍ଠା ୭ରେ)

# ମହିଳା ଦିବସରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

ଭୁବନେଶ୍ୱର,୮।୩

ନ୍ୟୁଜ୍‌ବ୍ୟୁରୋ

ସାରା ବିଶ୍ୱରେ ପାଳିତ ହୋଇଛି ଆନ୍ତର୍ଜାତିକ ମହିଳା ଦିବସ। ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଷ୍ଟ୍ରପତି। ସେହିପରି ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦେଶ ଓ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ମହିଳାମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, 'ଅନ୍ତର୍ଜାତୀୟ ମହିଳା ଦିବସରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ! ଶିକ୍ଷିତ ଏବଂ ସଶକ୍ତ ମହିଳାମାନେ ଏକ ପ୍ରଗତିଶୀଳ ରାଷ୍ଟ୍ରର ସ୍ତମ୍ଭ। ନାରୀ ଶକ୍ତି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ସାହସର ସହିତ ନେତୃତ୍ୱ ନେବା ସହିତ, ଏହା ଏକ ଅଧିକ ସମାବେଶୀ ଏବଂ ସମୃଦ୍ଧ ସମାଜର ମୂଳଦୁଆକୁ ମଜବୁତ କରିଥାଏ। ଏହି ଅବସରରେ, ଆମେ ଏପରି ଏକ ସମାଜ ଗଠନ ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରିବା, ଯେଉଁଠାରେ ପ୍ରତ୍ୟେକ ମହିଳା ସମ୍ମାନ, ସୁରକ୍ଷା ଏବଂ ସ୍ୱାଧୀନତା ସହିତ ବଢ଼ିବା ଏବଂ ବଞ୍ଚିବା ପାଇଁ ସମାନ ସୁଯୋଗ ପାଇବେ। ମହିଳାମାନଙ୍କ ଆକାଂକ୍ଷା ଓ ସଫଳତା ଏକ ଅଧିକ ସମତାମୂଳକ ଭବିଷ୍ୟତ ଗଢ଼ିବାରେ ପଥ ପ୍ରଦର୍ଶନ କରୁଥିବା ଏମିତି ଏକ ପରିବେଶ ସୃଷ୍ଟି କରିବା।'

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ଅନ୍ତର୍ଜାତୀୟ ମହିଳା ଦିବସରେ, ମୁଁ ଆମର ସମସ୍ତ ନାରୀ ଶକ୍ତିଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ପ୍ରତ୍ୟେକ କ୍ଷେତ୍ରରେ, ମହିଳାମାନେ ଦୃଢ଼ ନିଷ୍ଠା, ସୃଜନଶୀଳତା ଏବଂ ଅତୁଳନୀୟ ଉତ୍ସାହ ସହିତ ଭାରତର ପ୍ରଗତିକୁ ଆକାର ଦେଉଛନ୍ତି। ସେମାନଙ୍କର ସଫଳତା ଆମ ଦେଶକୁ ପ୍ରେରଣା ଦେଉଛି ଏବଂ ଏକ ବିକଶିତ ଭାରତ ଗଠନ ପାଇଁ ଆମର ସାମୂହିକ ସଂକଳ୍ପକୁ ମଜବୁତ କରୁଛି। ମହିଳା ସଶକ୍ତିକରଣ ପାଇଁ ଆମର ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ରହିଛି। ଆମେ ଏପରି ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ ଯାହା ପ୍ରତ୍ୟେକ ମହିଳାଙ୍କୁ ତାଙ୍କର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିପାରିବ ଏବଂ ଭାରତର ବିକାଶ ଯାତ୍ରାରେ ଯୋଗଦାନ ଦେଇପାରିବ।'

ସେହିପରି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ, ବିଶେଷକରି ରାଜ୍ୟର ସମସ୍ତ ମାତୃଶକ୍ତିଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, 'ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରାଜ୍ୟର ସମସ୍ତ ମାତୃଶକ୍ତିଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ନାରୀଶକ୍ତି ହିଁ ସମାଜର ପ୍ରକୃତ ଶକ୍ତି। ଆମର ଏହି ସମସ୍ତ ପ୍ରୟାସର ମୂଳ ଲକ୍ଷ୍ୟ ହେଉଛି ନାରୀଶକ୍ତିଙ୍କୁ ସମ୍ମାନ ଓ ସମାନ ସୁଯୋଗ ପ୍ରଦାନ କରିବା। ସ୍ୱାସ୍ଥ୍ୟଠାରୁ ସ୍ୱାବଲମ୍ବନ ପର୍ଯ୍ୟନ୍ତ, ପ୍ରତିଟି କ୍ଷେତ୍ରରେ ନାରୀଶକ୍ତିଙ୍କୁ ଆଗକୁ (ପୃଷ୍ଠା ୭ରେ)

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୩୬୪ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୦୦ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୭୩ (+୦)

### ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୯୦ (+୦)

## ଏକାଳ ପଖାଳ



ନାଁ ଟା ମମତା ଉପରେ ଉପରେ
ଭିତରେ ଗୁଣଟା ଖାଲି
ରାଷ୍ଟ୍ରପତିଙ୍କୁ ଅପମାନ କରି
ଦେଖାଉଛି ଆଖି ନାଲି
ଆରେ ଖାଉଛି କି ବାଲି
ନିଜକୁ ଭାବଇ ସର୍ବେସର୍ବା ଆଉ
ସୀମା ଯାଉଅଛି ଭୁଲି।

# ବିଶ୍ୱର ସର୍ବବୃହତ ହିମଖଣ୍ଡ ଆଉ ଅଳ୍ପ ଦିନର ଅତିଥି, ଖାଇଚାଲିଛି ଉତ୍ତପ୍ତ ଜଳ



ନୂଆଦିଲ୍ଲୀ, ୮।୩

ଶେଷ ହେବାକୁ ଯାଉଛି ବିଶ୍ୱର ସର୍ବପ୍ରାଚୀନ ହିମଖଣ୍ଡର କାହାଣୀ। 'ଜି୨୩ଜି' ଦିନେ ପୃଥିବୀର ସର୍ବବୃହତ ହିମଖଣ୍ଡ ନାମରେ ପରିଚିତ ଥିଲା। ଗ୍ରେଟର ଲଣ୍ଡନ ଆକାରଠୁ ଦୁଇଗୁଣ କ୍ଷେତ୍ରରେ ଏହା ବିସ୍ତାର କରିଥିଲା। କିନ୍ତୁ ତମାମ ସଂଘର୍ଷ ପରେ ଏହା ଗତ କିଛି ବର୍ଷରେ ତରଳିଛି ଓ ଆଶ୍ଚର୍ଯ୍ୟଜନକ ରୂପେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଛି। ବର୍ତ୍ତମାନ ଆଣ୍ଟାର୍କଟିକାର ବରଫପୂର୍ଣ୍ଣ ସମୁଦ୍ରଠୁ ଦୂରରେ ଜି୨୩ଜି ହିମଖଣ୍ଡ ଆଉ ଯାହା ବଳିଛି, ଉତ୍ତପ୍ତ ଜଳ ତାକୁ ଖାଇଚାଲିଛି। ଏହା ଏବେ ମୃତ୍ୟୁର ଦ୍ୱାରଦେଶରେ, ଯାହା ଆଉ ମାତ୍ର କିଛି ସପ୍ତାହରୁ ଅଧିକ ସମୟ ତିଷ୍ଠିବ ନାହିଁ। ସବୁ ହିମଖଣ୍ଡ ଶେଷରେ ତରଳନ୍ତି। କିନ୍ତୁ ଜି୨୩ଜି କେମିତି ତରଳିଛି, ବୈଜ୍ଞାନିକମାନେ ତାହା ଜାଣିବାକୁ ଚାହୁଁଛନ୍ତି। ଫଳରେ ଆଣ୍ଟାର୍କଟିକାର ଅନ୍ୟ କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନର ପ୍ରତିକ୍ରିୟା କ'ଣ ହେବ ସେମାନେ ଜାଣିପାରିବେ।

କେମ୍ବ୍ରିଜ ସ୍ଥିତ ବ୍ରିଟିଶ ଆଣ୍ଟାର୍କଟିକ୍ ସର୍ଭେର ପ୍ରଫେସର ମାଇକ ମେରେଡିଥ୍ କହିଛନ୍ତି, ସର୍ବବୃହତ ହିମଖଣ୍ଡର ଏହା ଅଦ୍ୱିତୀୟ ଯାତ୍ରା। କିନ୍ତୁ ଏବେ ଏହା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହା 'ଜି୨୩ଜି'ର ଶେଷ ସମୟର କାହାଣୀ। କିନ୍ତୁ ଆମକୁ ପ୍ରଥମେ ୧୯୮୬ ମସିହାକୁ ଫେରିବାକୁ ପଡ଼ିବ। ବର୍ତ୍ତମାନର ଉତ୍ତର (ପୃଷ୍ଠା ୭ରେ)

# ଯବାନ-ମାଓବାଦୀ ମୁହାଁମୁହିଁ : ଛତ୍ରଭଙ୍ଗ ଦେଲେ ମିଶ୍ରି ବିର୍ସାଙ୍କ ସହଯୋଗୀ

ସୁନ୍ଦରଗଡ଼,୮।୩

ନ୍ୟୁଜ୍‌ବ୍ୟୁରୋ

ମାଓବାଦୀ ଓ ସିଆରପିଏଫ ଯବାନଙ୍କ ମଧ୍ୟରେ ଘଟିଛି ଗୁଳି ବିନିମୟ। ହାର୍ଡକୋର ମାଓବାଦୀ ନେତା ମିଶ୍ରି ବିର୍ସା ଏବଂ ତାଙ୍କ ସହଯୋଗୀମାନଙ୍କୁ ଘେରିବା ପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ କରାଯାଇଥିବା ଏକ ବଡ଼ ଧରଣର ଅପରେସନ ବେଳେ ମାଓବାଦୀ ଓ ସିଆରପିଏଫ୍ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସରଣ୍ଡା ଜଙ୍ଗଲରେ ଓଡ଼ିଶା ପୁଲିସର ଏସଓଜି ଓ ଝାଡ଼ଖଣ୍ଡର ସିଆରପିଏଫ କମ୍ବିଂ ଅପରେସନ ଜାରି ରହିଥିବା ବେଳେ ସିଆରପିଏଫଙ୍କ ଗୁଳି ବିନିମୟରେ କିଛି ମାଓବାଦୀ ଆହତ ହୋଇଥିବା ସୂଚନା ମିଳିଛି। ଯବାନମାନେ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ କରୁଥିବା ସମୟରେ ପୂର୍ବରୁ ଲୁଚି ରହିଥିବା ମାଓବାଦୀମାନେ ଅତର୍କିତ ଭାବେ ଗୁଳିବର୍ଷଣ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ କଡ଼ା ଜବାବ ଦିଆଯିବା ପରେ ମାଓବାଦୀମାନେ ନିଜକୁ ଅସହାୟ ମନେକରିଥିଲେ। ବିଶେଷ କରି ମିଶ୍ରି ବିର୍ସାଙ୍କ ଅତି ଘନିଷ୍ଠ ସହଯୋଗୀମାନେ ଯବାନଙ୍କ ଗୁଳିମାଡ଼ ସହ୍ୟ କରିନପାରି ଜଙ୍ଗଲ ଭିତରକୁ ଛତ୍ରଭଙ୍ଗ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ମାର୍ଚ୍ଚ, ୨୦୨୬ ସୋମବାର





# ରାଣୀବନ୍ଧର ପୁନରୁଦ୍ଧାର ଦାବିରେ ଆନ୍ଦୋଳନ ପାଇଁ ସଜବାଜ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ରାଣୀବନ୍ଧର ପନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ତଥା ସୁରକ୍ଷା ପାଇଁ ଆଜି ବଲାଙ୍ଗିର ସହରର ଚାରୋଟି ଓ୍ୱାର୍ଡ ୧୩,୧୪,୧୫,୧୬ର ଜନସାଧାରଣ ଟିକ୍ରାପଡା ଗାନ୍ଧି ପାଠାଗାରର ସମ୍ପାଦକ ତଥା ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କ ଆବାହକତ୍ୱରେ ସ୍ଥାନୀୟ ଟିକ୍ରାପଡା ରାମଜୀ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜିବୀ, ଆଇନଜିବୀ, ଶିକ୍ଷାବିତ, ସମାଜସେବୀ, ପତ୍ରକାର ଆଲୋଚନାରେ ଅଂଶଗ୍ରହଣ କରି ସହରର ମଧ ଭାଗରେ ଅବସ୍ଥିତ ରାଣୀବନ୍ଧର ଦୁର୍ଗତି ପାଇଁ ଉଦ୍ବେଗ ପ୍ରକାଶ କରିବା ସହ ପୁନରୁର୍ଦ୍ଧାର ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ସଭାରେ ମନୋରଂଜନ ସାହୁ, ନାଗରିକ କମିଟି ସମ୍ପାଦକ ମଧୁସୁଦନ ନାୟକ, ଭଗବାନ ବଗର୍ତି, ଶିବ ରଥ, ଗୋପବନ୍ଧୁ ପୁରୋହିତ, ନୀଳମଣି ମିଶ୍ର, ଆଇନଜିବୀ ଭବାନୀ ଶଙ୍କର ଶତପଥି, ଜିଲ୍ଲା ଓକିଲ ସଂଘ ସଭାପତି ବାସୁଦେବ ରଥ, ଗାନ୍ଧି ପାଠାଗାର ସଭାପତି ପ୍ରକାଶ ନେପାକ, ବିଜେଡି ନେତା ବିଧୁଭୂଷଣ ତ୍ରିପାଠୀ ପ୍ରମୁଖ ରାଣିବନ୍ଧର ସୁରକ୍ଷା ତଥା ପୁନରୁଦ୍ଧାର ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ବିଭିନ୍ନ ସମୟରେ ରାଣୀବନ୍ଧ ପାଇଁ ଆସିଥିବା ଅନୁଦାନ ବାଟମାରଣା ହେବା ସହ ଅତି ନିମ୍ନମାନର କାର୍ଯ୍ୟ ଅର୍ଥ ତୋଷାରପାତ ହେବାର ଅଭିଯୋଗ ହୋଇଛି। ଜନସାଧାରଣଙ୍କ ସଚେତନତା, ଦୈନିକ ବଜାର ସବୁ ମାଇଳାର ଚମ୍ପୟାଡ, ପ୍ରଶାସନର ଅବହେଳା, ଅସାମାଜିକ ବ୍ୟକ୍ତିମାନଙ୍କର ଆଡ୍ଡା ଏହି ବନ୍ଧର ଅଧୋଗତି ପାଇଁ ଦାୟୀ ବୋଲି ଆବାହକ ପ୍ରଦୀପ ସାହୁ ସୂଚନା ଦେଇଥିଲେ। ଉପସ୍ଥିତ ଜନସାଧାରଣ ଆଗାମୀ ଦିନରେ ଚାରୋଟି ଓ୍ୱାର୍ଡ ର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଡକାଯାଇ ଏକ ଏକ୍ସନ କମିଟି ଗଠନ ପାଇଁ ଜିଲ୍ଲାପାଳ, ମ୍ୟୁନିସିପାଲିଟି ଅଧକ୍ଷା, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଏହି ଏକ୍ସନ କମିଟିର ତଦାରଖରେ ରାଣୀବନ୍ଧ ର ଖନନ କିମ୍ବା ଅନ୍ୟ କାର୍ଯ୍ୟ ପାଇଁ ଆସିଥିବା ଅନୁଦାନ ରାଶି ବିନିଯୋଗ କରିବା ପାଇଁ ଅନୁରୋଧ କରିବା ସହ ବନ୍ଧର ସୌନ୍ଦର୍ଯ୍ୟକରଣ, ଏକ ଦଶାହ ଘାଟ ଓ କୋଠରୀ ସହ, ଆଲୋକୀକରଣ ପାଇଁ ସ୍ଥାନୀୟ ବିଧାୟକଙ୍କୁ ଦାବି ଜଣାଇବା ସହ ଅସମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଆରକ୍ଷୀ ଅଧିକାରୀଙ୍କୁ ଅନୁରୋଧ କରାଯିବାକୁ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା।

# ଘରେ ମାଡିଗଲା ହାଇଓ୍ୱା : ବୃଦ୍ଧା ମୃତ

**କୋରେଇ, ନ୍ୟୁଜ ବ୍ୟୁରୋ**

ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ପଳସା ଆଦିବାସୀ ବସ୍ତିରେ ହୋଲି ରାତ୍ରୀରେ ଏକ ଅଭାବନୀୟ ଘଟଣା ଗଟିଛି । ହାଇଓ୍ୱା ଦୁର୍ଘଟଣାରେ ଜଣେ ବୃଦ୍ଧାର ମୃତ୍ୟୁ ଘଟିଛି। ପ୍ରକାଶଯେ ବୁଧବାର ବିଳମ୍ବିତ ରାତ୍ରୀରେ ସଠିପୁର ବରୁଣ୍ଡାଇ ରାସ୍ତାରେ କଂଟାବଣିଆ ବାଲିଘାଟକୁ ବାଲି ପାଇଁ ଯାଉଥିବା ଏକ ହାଇଓ୍ୱା ( ଓଡି୨୨ଜି ୪୨୧୨) ଦ୍ରୁତ ଗତିରେ ଯାଇ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡର ପାର ହୋଇ ପଳସା ଅଦିବାସୀ ବସ୍ତିରେ ଜଗା ମୁଣ୍ଡା ଘରେ ପିଟି ହୋଇଥିଲା । ରାସ୍ତା ଠାରୁ ପ୍ରାୟ ୧ଶହ ମିଟର ଦୂରରେ ଥିବା ଉକ୍ତ ଘର ସମ୍ମୁଖ ବାରଣ୍ଡାରେ ତାଙ୍କ ସ୍ତ୍ରୀ ଦୂତୀ ମୁଣ୍ଡା (୭୩) ବସିଥିବା ବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ । ହାଇଓ୍ୱାଟି ଘର ଛାତରେ ଲାଗି ରହିଯିବାରୁ ଅଧିକ ଦୁର୍ଘଟଣାରୁ ମୁକ୍ତି ମିଳିଥିଲା । ଖବରପାଇ ସାହି ଲୋକ ଓ ପଳସା ଗ୍ରାମବାସୀଙ୍କ ଭିଡ ଜମିଥିଲା। ଦୂତୀକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରେ ତାର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଥାନାଧିକାରୀ ରଂଜିତ ମହାନ୍ତି, ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ଘଟଣାସ୍ଥଳେ ପହଂଚିଥିଲେ । କ୍ଷତିପୂରଣ ଦାବୀରେ ଉତ୍ୟକ୍ତ ଲୋକମାନେ ହାଇଓ୍ୱାଟିକୁ ସେଠାରୁ ଛାଡିନଥିଲେ। ପରେ ଘଟଣାସ୍ଥଳେ ହାଇଓ୍ୱାର ମାଲିକ ବାଲେଶ୍ୱର ସିମୁଳିଆ ଗୋବିନ୍ଦ ସାହୁ ପହଂଚି ଘର ମରାମତି ଓ ଚିକିତ୍ସା ଖର୍ଚ୍ଚ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗାଡିଟିକୁ ବାହାର କରାଯାଇଥିଲା। ପୁଲିସ ହାଇଓ୍ୱାଟିକୁ ଜବତ କରିବା ସହ ଚାଳକ ମାଖନକୁ ଅଟକ ରଖିଛି। ମାତ୍ର କଟକରେ ଚିକିତ୍ସିତ ଅବସ୍ଥାରେ ରାତିରେ ଦୁତୀର ମୃତ୍ୟୁ ଘଟିଥିଲା। ପୁଅ ଜଳଧର କଟକରେ ପହଂଚି ଶବ ବ୍ୟଚ୍ଛେଦ କରି ଗ୍ରାମକୁ ଆଣି ଶବ ସତ୍କାର କରିଥିଲେ। ଏନେଇ ପୁଲିସ ମାମଲା। ରୁଜୁ କରି ତଦନ୍ତ ଜାରି ରଖିଛି ।

# ଆନ୍ତଃରାଜ୍ୟ ଚେନ୍ ଛିନ୍‌ତାଇ ରାକେଟ ଠାବ : ୬ ଗିରଫ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ମା' ସମଲେଶ୍ୱରୀଙ୍କ ମନ୍ଦିର ନିକଟ ସମଲେଶ୍ୱରୀ ଘାଟରେ ଘଟିଥିବା ଚେନ୍ ଛିନତାଇ ଘଟଣାରେ ସମ୍ପୃକ୍ତ ଥିବା ଏକ ଆନ୍ତଃରାଜ୍ୟ ମହିଳା ଲୁଟେରା ଗ୍ୟାଙ୍ଗକୁ ସମ୍ବଲପୁର ପୋଲିସ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ୬ ଜଣ ମହିଳାଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ପାଖରୁ ସୁନା, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୨ ଜାନୁଆରୀ ସନ୍ଧ୍ୟା ପ୍ରାୟ ୬.୩୦ ବେଳେ ସମଲେଶ୍ୱରୀ ଘାଟ ନିକଟରେ ଚାଲୁଥିବା ଏକ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତମାନେ ଚାରି ଜଣ ମହିଳା ଭକ୍ତଙ୍କ ଠାରୁ ୫ଟି ସୁନା ଚେନ୍ ଛିନତାଇ କରିଥିଲେ। ଏନେଇ କ୍ଷେତରାଜପୁର ଥାନାରେ ମାମଲା ରଜୁ ହେବା ସହ ପୋଲିସ ଏହାର ତଦନ୍ତକୁ ମାତ୍ରାଧିକ ଗୁରୁତ୍ୱ ଦେଇଥିଲା। ଏହି ଲୁଟ୍ ଘଟଣା ପରେ ସମ୍ବଲପୁର ଏସପିଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ପୋଲିସ ଟିମ୍ ସିସିଟିଭି ଫୁଟେଜ ଓ ବିଭିନ୍ନ ଫଟୋ ବିଶ୍ଳେଷଣ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସହିତ ବିଭିନ୍ନ ସ୍ଥାନରେ ତଦନ୍ତ ଚଳାଇ ଗତ ମାର୍ଚ୍ଚ ୪ ତାରିଖରେ ଭୁବନେଶ୍ୱରରୁ ସେମାନଙ୍କୁ ଧରିଥିଲା। ଗିରଫ ମହିଳାମାନଙ୍କ ମଧ୍ୟରେ ଜି. ଭାନୁମତୀ ଅଲିଆସ ଗାୟତ୍ରୀ ନାୟକ ଅଲିଆସ କବିତା, ଦୀପା ଦାସ, କଲ୍ୟାଣୀ ଦାସ, ପ୍ରିୟା ଦାସ, ଏସ୍. ଥାରା ଓ ପୂଜା ସିଂହ। ସେମାନେ ନିଜ ପରିଚୟ ଲୁଚାଇବା ପାଇଁ ଜାଲି ନାମ ଓ ଠିକଣା ବ୍ୟବହାର କରି ଭୋଟର ଆଇଡି କାର୍ଡ ପ୍ରସ୍ତୁତ କରିଥିବା ମଧ ପୋଲିସର ତଦନ୍ତରେ ଜଣାପଡ଼ିଛି। ପୋଲିସ ସେମାନଙ୍କ ପାଖରୁ ୫୧.୭୫ ଗ୍ରାମ ଗଳିତ ସୁନା ପ୍ଲେଟ, ୬୨,୪୦୦ ଟଙ୍କା ନଗଦ, ୩ଟି ମୋବାଇଲ ଫୋନ, ଗୋଟିଏ ଚେନ୍ କଟର, ଜାଲି ଭୋଟର ଆଇଡି କାର୍ଡ, ବିଭିନ୍ନ ପଥର, ଫ୍ୟାନ୍ସି କାନ ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ପୋଲିସ କହିଛି ଯେ, ଏହି ଗ୍ୟାଙ୍ଗ ପଛଲା ପ୍ରାୟ ୧୨ ବର୍ଷ ଧରି ଓଡ଼ିଶା ସହିତ ପଶ୍ଚିମବଙ୍ଗ ଓ ଝାରଖଣ୍ଡର ବିଭିନ୍ନ ଜିଲ୍ଲାରେ ଚେନ୍ ଛିନତାଇ କରୁଥିଲେ। ବଡ଼ ବଡ଼ ଧାର୍ମିକ ଉତ୍ସବ ଓ ମେଳାମାନଙ୍କୁ ଲକ୍ଷ୍ୟ କରି ସେମାନେ ଏହି ଅପରାଧ କରୁଥିବା କଥା ତଦନ୍ତରେ ସାମ୍ନାକୁ ଆସିଛି। ଏହି ଘଟଣାରେ କ୍ଷେତରାଜପୁର ଥାନାରେ ରଜୁ ହୋଇଥିବା ମାମଲାରେ ସମସ୍ତଙ୍କୁ ଗିରଫ କରାଯିବା ସହ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଗଞ୍ଜାମ ଜିଲ୍ଲା ଜଳ ବ୍ୟବହାରକାରୀ କୃଷକ ସଂଘର ସମନ୍ୱୟ ବୈଠକ

**ରମ୍ଭା,ନ୍ୟୁଜ ବ୍ୟୁରୋ**



ସାନଘାଟି ମା ତାଳଖାଇ ମନ୍ଦିର ପ୍ରାଙ୍ଗଣରେ ଥିବା କନଫରେନ୍ସ ହଲରେ ଗଞ୍ଜାମ ଜିଲ୍ଲାର ବାର୍ଷିକ ଜଳ ବ୍ୟବହାର କାରି କୃଷକ ସଙ୍ଘର ଜିଲ୍ଲା ସମନ୍ୱୟ ବୈଠକ ଉପସଭାପତି ଗୋବିନ୍ଦ ଚନ୍ଦ୍ର ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମହାସଂଘର ଉପଦେଷ୍ଟା ତଥା ପ୍ରାଣ ପ୍ରତିଷ୍ଠାତା ଶିଶିର ରାଓ ଯୋଗଦେଇଥିଲେ । ମହାସଂଘର ସମ୍ପାଦକ ନୃସିଂହ ଚରଣ ପ୍ରଧାନ ଉକ୍ତ ସଭାକୁ ସମ୍ପାଦନା କରିଥିଲେ। ଅନ୍ୟ ସମ୍ମାନୀତ ଅତିଥି ଭାବରେ ନିର୍ଦ୍ଦେଶିକକ୍ଷ ମୋଦିନୀ ସାହୁ, ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ରାଉତରାୟ, ଗଣେଶ୍ୱର ମିଶ୍ର, ବରିଷ୍ଠ କୃଷକ ନେତା ଅଭିମନ୍ୟୁ ବେହେରା ଓ ପୂର୍ବତନ ନିର୍ଦ୍ଦେଶକ କିଶୋର ପଲେଇ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ସଙ୍ଘରୁ ଆସିଥିବା ସଭାପତି ଓ ସମ୍ପାଦକ ମାନେ ନିଜ ନିଜ ସଙ୍ଘର ସ୍ଥିତବସ୍ଥା ଉପରେ ଆଲୋକପାତ କରିଥିଲେ । ସଙ୍ଘମାନଙ୍କର ସମସ୍ୟା ଗୁଡିକ ଉପରେ ଶ୍ରୀରାଓଙ୍କ ସହ ଆଲୋଚନା କରି ତାର କିପରି ସମାଧାନ କରାଯିବ ସେ ଉପରେ ବିଶେଷ ଭାବରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା । ବିଶେଷ କରି ସଙ୍ଘମାନଙ୍କର ଅଡିଟ, ବାର୍ଷିକ ସାଧାରଣ ସଭା, ଜଳକର ଆଦାୟ, ସଭ୍ୟ ଫିସ ଦେୟ ଉପରେ ଜୋର ଦିଆଯାଇଥିଲା । ଶେଷରେ ମହାସଙ୍ଘର ସମ୍ପାଦକ ନୃସିଂହ ଚରଣ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ନିର୍ଦ୍ଦେଶକ ଗଣେଶ୍ୱର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରସାଦ ସେବନ ସୁବ୍ୟବସ୍ଥା କରାଯାଇଥିଲା । ସି ଓ ରାମଚନ୍ଦ୍ର ସ୍ୱାଇଁଙ୍କ ଆବାହକତ୍ୱରେ ସମାଗମ କରାଇ ଯାଇଥିଲକ୍ଷ ।

# ସୋନପୁରରେ ଯୁଗ୍ମ ଜନ ଶୁଣାଣି : ୩୭ ଅଭିଯୋଗ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପ୍ରତାପ କୁମାର ରଣା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୩୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୩ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ୦୧ ଗୋଟି ଦରଖାସ୍ତ ତୁରନ୍ତ ଅଭିଯୋଗ ଶୁଣାଣି ସମୟରେ ଫଏସଲା ହୋଇଥିଲା। ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର, ପ୍ରତୀକ କୁମାର କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର, ଡ. ସୌମ୍ୟରୂପା ତଥା,ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର, ସୋନପୁର, ଶ୍ରୀମତି ସ୍ୱର୍ଣ୍ଣରେଖା ଜି, ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

# ନିଜେ ସୁସ୍ଥ ରହିବା ସହିତ ପରିବାର ଓ ଅନ୍ୟ ମାନଙ୍କୁ ସୁସ୍ଥ ରଖିବ ପତଞ୍ଜଳି ଯୋଗ ଶିବିର

**ଜଳେଶ୍ୱର ନ୍ୟୁଜ ବ୍ୟୁରୋ**



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପତଞ୍ଜଳି ଯୋଗ ସମିତିର କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ନୂଆବଜାର ସ୍ଥିତ ଭଞ୍ଜଶ୍ରୀ ବିହାରରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ମନୋଜ ଦେ' ପରିଚାଳନା କରିଥିଲେ ।ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଡ.ରମାକାନ୍ତ ଭଞ୍ଜ,ପତଞ୍ଜଳି ସ୍ୱାଭିମାନ ଭାରତର ସଭାପତି କରୁଣାକର ଶିଅଳ,ମହିଳା ପ୍ରଭାରୀ ଯଶୋମତି ଶିଅଳ,କ୍ଷେତ୍ରମୋହନ ଗିରି,ନଗେନ୍ଦ୍ର କର ପ୍ରମୁଖ ଯୋଗଦେଇ ସମାଜକୁ ସୁସ୍ଥ ରଖିବା ପାଇଁ ଯୋଗର ଭୂମିକା ସମ୍ପର୍କରେ ମତ ରଖିବା ସହ ଆଗାମୀ ଦିନରେ ଗାଁ ଗାଁରେ ଯୋଗ ଶିବିର ଆୟୋଜନ ପାଇଁ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ଜଳେଶ୍ୱରର ପତଞ୍ଜଳି ଯୋଗ ସମିତିର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଯୋଗ ପ୍ରଶିକ୍ଷଣ ପାଇଁ ନୂଆ କରି ପ୍ରଶିକ୍ଷିତ ହୋଇଥିବା ଯୋଗ ପ୍ରଶିକ୍ଷକ ।ପ୍ରଶିକ୍ଷିକାମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା ।ତେଣୁ ମଣିଷ କୁ ସୁସ୍ଥ ରହିବାକୁ ହେଲେ ଯୋଗର ଆବଶ୍ୟକତା ରହିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହିତ ଯୋଗ ମାଧ୍ୟମରେ ଦେଖାଇ ଥିଲେ।

# ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ମାମଲା : ଅର୍ପିତା ଓ ସୋମେଶଙ୍କ ପରେ ଆଉ ୩ ଅଭିଯୁକ୍ତଙ୍କୁ ଜେରା ପାଇଁ ଡାକିଲା ପୁଲିସ

**କଟକ, ନ୍ୟୁଜ ବ୍ୟୁରୋ**




ଯୁବ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ରହସ୍ୟ ଫିଟାଇବା ପାଇଁ ମର୍କତନଗର ଥାନାରେ ରୁଜୁ ହୋଇଥିବା ମାମଲାର ତଦନ୍ତ କ୍ରମରେ ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ଦେଇଛି । ମାମଲା ନେଇ ପଚରାଉଚରା କରିବାକୁ ପୁଲିସ ପକ୍ଷରୁ ଏହି ନୋଟିସ୍ ଜାରି ହୋଇଛି । ପୂର୍ବରୁ ଏହି ମାମଲାରେ କଣ୍ଠଶିଳ୍ପୀ ଅର୍ପିତା ଓ ସଂଗୀତ ନିର୍ଦ୍ଦେଶକ ସୋମେଶଙ୍କୁ ପୁଲିସ ପ୍ରାଥମିକ ପଚରାଉଚରା କରିଛି । ତେବେ କେଉଁ ୩ ଅଭିଯୁକ୍ତଙ୍କୁ ଏହି ନୋଟିସ୍ ହୋଇଛି ତାହା ପୁଲିସ ସ୍ପଷ୍ଟ କରିନି । ମାତ୍ର ଆର୍ଥିକ କାରବାର ସମ୍ପର୍କିତ ତଦନ୍ତ କ୍ରମରେ ଏହି ନୋଟିସ୍ ଜାରି ହୋଇଥିବା ସୂଚନା ଦିଆଯାଇଛି । ଗତ ନଭେମ୍ବର ମାସ ୧୭ ତାରିଖ ରାତିରେ ହ୍ୟୁମାନ ସାଗରଙ୍କର ଭୁବନେଶ୍ୱର ଏମ୍ସ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ଏହାର ପ୍ରାୟ ୧ ମାସ ପରେ ଅର୍ଥାତ୍ ଡିସେମ୍ବର ୨୧ ତାରିଖରେ ମର୍କତନଗର ଥାନାରେ ତାଙ୍କ ମା' ଶେଫାଳି ସୁନା ଲିଖିତ ଅଭିଯୋଗ କରିଥିଲେ । ହ୍ୟୁମାନଙ୍କ ମୃତ୍ୟୁ ରହସ୍ୟ ଖୋଲିବାକୁ ସେ ଏତଲାରେ ଅନୁରୋଧ କରିଥିଲେ । ତଦନ୍ତ ବେଳେ ବୋହୂ ଅର୍ଥାତ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର, ଚିକିତ୍ସା କରୁଥିବା ଡାକ୍ତର ଶୁଭେନ୍ଦୁ ମିଶ୍ର, ସହକଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଂଗୀତ ନିର୍ଦ୍ଦେଶକ ସୋମେଶ ଶତପଥୀ, ମ୍ୟାନେଜର୍ ଦିନେଶ ବେହେରା, ମ୍ୟାନେଜର ଏମଡି ଆବିଦ, ମ୍ୟାନେଜର୍ ପ୍ରଶାନ୍ତ ବେହେରା, ସହଯୋଗୀ ଲୁଲୁ ମହାନ୍ତି ଓ ଜଗଦୀଶ ମହାନ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଶେଫାଳି ଏତଲାରେ ଦର୍ଶାଇଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ଚୌଦ୍ୱାର ଥାନା ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ବରାହିପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୌଦାମିନୀ ମହାନ୍ତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଛି । ପୂର୍ବତନ ସିଆରସିସି ପ୍ରଭାକର ପ୍ରଧାନଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ବାବନ ଚରଣ ବୋଇ, ଅର୍ଣ୍ଣପୂର୍ଣ୍ଣା ମହାନ୍ତି, ପରମାନନ୍ଦ ବରାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ମହାନ୍ତିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଦୀର୍ଘ ୩୭ ବର୍ଷର ଶିକ୍ଷକତା କାଳରେ ସେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ସୁନାଗରିକ କରି ଗଢ଼ି ତୋଳିବା ଦିଗରେ ନିଷ୍ଠାପର ଉଦ୍ୟମ କରିବା ସହିତ ଜଣେ ଆଦର୍ଶ ଶିକ୍ଷୟତ୍ରୀ ଭାବେ ଅଞ୍ଚଳରେ ବେଶ ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ପ୍ରକାଶ କରି ତାଙ୍କ ଛାତ୍ର ବତ୍ସଳତା ପାଇଁ ସେ ଅଞ୍ଚଳବାସୀଙ୍କର ସବୁଦିନ ପାଇଁ ମନେ ରହିବେ ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀଙ୍କ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ସହିତ ଶ୍ରୀମତୀ ମାହାନ୍ତିଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ବିଦାୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ୧୮୩ଟି ଅଭିଯୋଗ ପତ୍ର ପଞ୍ଜିକୃତ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**




କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଆଜିର ଏହି ଶିବିରରେ ମୋଟ ୧୮୩ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୫୧ ଟି, ସାମୁହିକ ଅଭିଯୋଗ ୩୨ଟି, ରେଡକ୍ରସ ସହାୟତା ପାଇଁ ୧୬ଟି ଆବେଦନ ଗ୍ରହଣ କରାଯାଇଛି। ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ. ଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ। ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ମାର୍ଚ୍ଚ ମାସର ପରବର୍ତ୍ତୀ ଅଭିଯୋଗ ଶୁଣାଣିଗୁଡ଼ିକ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନିମ୍ନମତେ ଅନୁଷ୍ଠିତ ହେବ। ୦୯।୦୩।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସାହାରପଡା, ୧୬।୦୩।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆନନ୍ଦପୁର, ୨୩।୦୩।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝୁମ୍ପୁରା ଏବଂ ୩୦।୦୩।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ ବାଂଶପାଳ। ଅଞ୍ଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି।

# ଏସସିବିରେ ପ୍ରଥମ : ଯକ୍ଷ୍ମା ରୋଗୀଙ୍କ ସଫଳ ଅସ୍ତ୍ରୋପଚାର

**କଟକ, ନ୍ୟୁଜ ବ୍ୟୁରୋ**

ଯକ୍ଷ୍ମା ରୋଗରେ ଆକ୍ରାନ୍ତ ରୋଗୀଙ୍କ ଛାତିରେ ଅପରେସନ୍ ଆବଶ୍ୟକ ଥିଲେ କାର୍ଡିଓଥୋରାସିକ୍ ଏବଂ ଭାସକୁଲାର୍ ସର୍ଜରି ବିଭାଗ ଉପରେ ନିର୍ଭର କରିବାକୁ ପଡୁଥିଲା। ସେମାନଙ୍କୁ ଛାତି ରୋଗ ବିଭାଗରୁ ଏହି ବିଭାଗକୁ ସ୍ଥାନାନ୍ତର କରାଯାଉଛି। ଯାହା ଫଳରେ କାର୍ଡିଓଥୋରାସିକ୍ ବିଭାଗରେ ସଂକ୍ରମଣ ଆଶଙ୍କା ବଢ଼ିଯାଇଥିଲା। ଏଭଳି ସ୍ଥିତିର ମୁକାବିଲା ପାଇଁ ଛାତି ରୋଗ ବିଭାଗରେ ପ୍ରଥମ ଥର ମଡ୍ୟୁଲାର୍ ଓଟି କାର୍ଯ୍ୟକ୍ଷମ ହୋଇଛି। ପ୍ରଥମ ଥର ପାଇଁ କଟକର ଜଣେ ଯକ୍ଷ୍ମା ରୋଗୀଙ୍କର ଏଠାରେ ଅସ୍ତ୍ରୋପଚାର କରାଯାଇଛି। ଏସ୍‌ସିବି ମେଡିକାଲ୍ କଲେଜର ଛାତି ରୋଗ ବିଭାଗରେ ପୂର୍ବରୁ ବ୍ରୋଙ୍କୋସ୍କୋପି, ଥୋରାକୋସ୍କୋପି ଓ ଛାତିରୁ ପାଣି ଟଣା ଇତ୍ୟାଦି ଚିକିତ୍ସା କରାଯାଉଥିଲା। କିନ୍ତୁ ଯେଉଁ ଯକ୍ଷ୍ମା ରୋଗୀଙ୍କ ଛାତିର ଅସ୍ତ୍ରୋପଚାର ଆବଶ୍ୟକ ରହୁଥିଲା ସେମାନଙ୍କୁ କାର୍ଡିଓଥୋରାସିକ୍ ଓ ଭାସକୁଲାର୍ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଉଥିଲା। ମାସକୁ ପ୍ରାୟ ୫ଟି ଅସ୍ତ୍ରୋପଚାର ସେଠାରେ ହେଉଥିଲା। କାର୍ଡିଓଥୋରାସିକ୍ ଓ ଭାସକୁଲାର ସର୍ଜରି ବିଭାଗରେ ଯକ୍ଷ୍ମା ରୋଗୀ ଭର୍ତ୍ତି ହେବା ଫଳରେ ସଂକ୍ରମଣର ଭୟ ରହୁଥିଲା। ସେଠାକୁ ଆସୁଥିବା ଅନ୍ୟ ରୋଗୀଙ୍କ ସୁରକ୍ଷା ଚିନ୍ତା ବଢ଼ିଯାଉଥିଲା। ଏଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ଛାତି ରୋଗ ବିଭାଗରେ ସ୍ୱତନ୍ତ୍ର ମଡ୍ୟୁଲାର ଓଟି ପ୍ରସ୍ତୁତ କରାଯାଇଛି। ଜାନୁଆରି ୫ ତାରିଖରେ ଏହି ଓଟିକୁ ଛାତି ରୋଗ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏବେ ପ୍ରଥମ ଅସ୍ତ୍ରୋପଚାର ଏହି ଓଟି ମାଧ୍ୟମରେ କରାଯାଇଛି। କଟକର ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କ ଛାତିରେ ପାଣି ଜମିଥିବାରୁ ନଳୀ ସାହାଯ୍ୟରେ ଛାତିରୁ ପାଣି କାଢ଼ିବାକୁ ଉଦ୍ୟମ କରାଯାଇଥିଲା। ପାଣି ଜମାଟ ବାନ୍ଧିବାରୁ ଶ୍ୱାସକ୍ରିୟାରେ ସମସ୍ୟା ହେଉଥିଲା। କିନ୍ତୁ ଛାତି ରୋଗ ବିଭାଗରେ ଡାକ୍ତରୀ ଟିମ୍ ସଫଳ ହୋଇପାରିଲେ ନାହିଁ। ଏହି ନୂଆ ମଡ୍ୟୁଲାର ଓଟି ମାଧ୍ୟମରେ କାର୍ଡିଓଥୋରାସିକ୍ ଓ ଭାସକୁଲାର୍ ସର୍ଜରି ବିଭାଗର ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ ଗଠନ ହୋଇଥିବା ଏକ ସ୍ୱତନ୍ତ୍ର ଟିମ୍ ଦୁଇ ଘଣ୍ଟାର ଅସ୍ତ୍ରୋପଚାର ମାଧ୍ୟମରେ ସଫଳ ହୋଇଛି। ୧୬ଟି ଷ୍ଟିଚ୍ ଛାତିରେ ପଡ଼ିଥିଲା। ରୋଗୀ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏଣିକି ଛାତି ରୋଗ ବିଭାଗର ଡାକ୍ତରୀ ଛାତ୍ର ବି ଅସ୍ତ୍ରୋପଚାର ଟେବୁଲ୍‌ରେ ବ୍ୟବହାରିକ ଜ୍ଞାନ ପାଇବା ସହଜ ହୋଇପାରିବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଉଛି। ଏଣିକି ପ୍ରତି ମାସରେ ଛାତି ରୋଗ ବିଭାଗରେ ଦୁଇ ଦିନ ଓଟି କରାଯିବ। ଏହି ଓଟିକୁ କାର୍ଡିଓଥେରାସିକ୍ ଓ ଭାସକୁଲାର୍ ସର୍ଜରି ବିଭାଗର ଡାକ୍ତରୀ ଟିମ୍ ଆସି ଅସ୍ତ୍ରୋପଚାର କରିବା ନେଇ ନିଷ୍ପତ୍ତି ହୋଇଛି। ସେହି ଅନୁଯାୟୀ କ୍ରମାନ୍ୱୟରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଅସ୍ତ୍ରୋପଚାର କରାଯିବା ନେଇ ଏସ୍‌ସିବି ମେଡିକାଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

# ଜିଲ୍ଲା ଓକିଲ ସଂଘ ତରଫରୁ ଜିଲ୍ଲା ଜଜ୍‌ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡାର ଜିଲ୍ଲା ଓ ଦୌରାଜଜ ଲୁନା ମହାନ୍ତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲା ଓକିଲ ସଂଘ ତରଫରୁ ସଭାପତି ଗୋବର୍ଦ୍ଧନ ରାଉତଙ୍କ ଅଧ୍ୟକ୍ଷତା ରେ ବିଦାୟକାଳୀନ ସମ୍ବର୍ଦ୍ଧନା ରେ ଶ୍ରୀମତୀ ମହାନ୍ତିଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରା ଯାଇଥିଲା । ଶ୍ରୀମତୀ ମହାନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ପଦୋନ୍ନତି ପାଇ ରେଜିଷ୍ଟାର ଭାବେ ବଦଳି ହୋଇଛନ୍ତି । ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସଂପାଦକ ନୃସିଂହ ଚରଣ ରାଉତ, ବରିଷ୍ଠ ଆଇନଜିବୀ ଧ୍ରୁବ ଚରଣ ଜେନା, ଭୀମସେନ ଭୂୟାଁ, ବିଚିତ୍ରାନନ୍ଦ ମହାନ୍ତି, ହାଡିବନ୍ଧୁ ସିଂହ, ବିଭୂତି ଭୂଷଣ କରଙ୍କ ସମେତ ଓକିଲ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଦୁର୍ଗା ମନ୍ଦିର କମିଟି ସଭାପତିଙ୍କ ବିୟୋଗରେ ଶୋକସଭା

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଦୁର୍ଗା ମନ୍ଦିର କମିଟି ର ସଭାପତି ତଥା ବିଶିଷ୍ଟ ସମାଜ ସେବୀ ଜିତେନ୍ଦ୍ର କୁମାର ରାଉତ (ଗଜୀ ଭାଇ)ଙ୍କ ବିୟୋଗ ରେ କମିଟି ତରଫରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଗତ ୨୭ ତାରିଖରେ ସ୍ୱର୍ଗତ ରାଉତ ଇହଲୀଳା ସମ୍ବରଣ କରିଥିବା ବେଳେ ପୁତ୍ର ମାନବ ଅଭିନବ ରାଉତ ସ୍ୱର୍ଗଦ୍ୱାର ରେ ଶେଷ କର୍ମ ରେ ମୁଖାଗ୍ନି ଦେଇଥିଲେ। କମିଟିର ଉପଦେଷ୍ଟା ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉକ୍ତ ସଭାରେ ୯ ନମ୍ବର ଓ୍ୱାର୍ଡ କାଉନସିଲର ମନୀନ୍ଦ୍ର କୁମାର ସାହୁ ଯୋଗ ଦେଇ ସ୍ୱର୍ଗତ ରାଉତ ଜଣେ ଉଚ୍ଚ ପଦସ୍ଥ ବିମା ଅଧିକାରୀ ଥିଲାବେଳେ ଏକ ବିରଳ ସମାଜ ସେବୀ ଥିଲେ। ପରୋପକାରୀ, ଧର୍ମ ପାରାୟଣ ବ୍ୟକ୍ତି ଥିବା ସହିତ ଗରିବ ଓ ଅଭାବୀ ମାନଙ୍କ ଦୁଃଖ ବୁଝୁଥିଲେ ବୋଲି ପ୍ରକାଶ କରିଥିଲେ। ୧୪ ନମ୍ବର JWର କାଉନସିଲର ସିଦ୍ଧାର୍ଥ ସାମଲ ତାଙ୍କ ସ୍ମୃତି ଚାରଣ ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ନିରାକାର ସାହୁ, କାର୍ଯ୍ୟକାରି ସଭାପତି ଅକ୍ଷୟ କୁମାର ଦେଓ, ଦ୍ୱିନୋଦ ଶର୍ମା, ସୁଶାନ୍ତ କୁମାର ପାଢ଼ୀ, ପଦ୍ୟୁମ୍ନ ନାୟକ, ବିଶ୍ୱନାଥ ସାହୁ, ରମାକାନ୍ତ ଦାସ, ଅବିନାଶ ପଣ୍ଡା, ଗଗନ ବିହାରୀ ସିଂ, ପ୍ରଫୁଲ୍ଲ କୁମାର ମହାନ୍ତି, ବିନାୟକ ବଳ, ଜୟଦେବ ନାୟକ, ଅନିରୁଦ୍ଧ ମହାନ୍ତି, ସମରେନ୍ଦ୍ର ଜେନା,ସନ୍ତୋଷ ପଣ୍ଡା, କୃଷ୍ଣ ଚରଣ ଜେନା,ପଞ୍ଚାନନ ଦାସ, ସଦାନନ୍ଦ ନାୟକ, ଅମୂଲ୍ୟଧନ ରାଉତ, ପ୍ରକାଶ ଚକ୍ର, ବିଶାଳ ରାଉତ, ବିନାୟକ ବଳ, ସରିତା ଶର୍ମା, ରାଇଚରଣ ମହାନ୍ତି, ନିରଞ୍ଜନ ନାୟକ, ଜିତେନ୍ ବସ୍ତିଆ ପ୍ରମୁଖ ଉପସ୍ଥିତ ହୋଇ ଶୋକ ବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ଅନେକ ସାମାଜିକ ଅନୁଷ୍ଠାନ ବିଭିନ୍ନ ଗଣ ସଂଗଠନର କାର୍ଯ୍ୟ କର୍ତ୍ତା ଯୋଗଦେଇ ସ୍ମୃତି ଚାରଣ ସହିତ ଆସନ୍ତା ୯ ତାରିଖ ଏକାଦଶ କାର୍ଯ୍ୟକ୍ରମରେ ଏକ ସ୍ମରଣିକା ପାଇବ ବୋଲି ନିଷ୍ପତି ହୋଇଛି। ଶେଷରେ ସଞ୍ଜୟ କୁମାର ଆଇଚ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।




# ସୂଚନା ଅଧିକାର ନିୟମର ସଫଳ କାର୍ଯ୍ୟାନ୍ୱୟନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ବରଗଡ, ନ୍ୟୁଜ ବ୍ୟୁରୋ**



ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ସୂଚନା ଅଧିକାର ଅଧିନିୟମ -୨୦୦୫ର ପୂର୍ଣ୍ଣାଙ୍ଗ କାର୍ଯ୍ୟନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲାର ବିଭିନ୍ନ ବିଭାଗ ତଥା କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ସହ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ମାଇ ଭାରତ ଭଲ୍ୟୁଣ୍ଟିୟରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବରଗଡ଼ଙ୍କ ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ସୂଚନା ଅଧିକାର ଅଧିନୀୟର ସଫଳ କାର୍ଯ୍ୟାନ୍ୱୟନ ତଥା ଲୋକଙ୍କୁ ସଠିକ ତଥ୍ୟ ନିୟମ ଅନୁଯାଇ ପ୍ରଦାନ କରିବା ପାଇଁ କହିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭୁବନେଶ୍ୱର ଲୁମିନଶ ପ୍ରାଇଭେଟ ଲିମିଟେଡ଼ରୁ ଶ୍ରୀ ରଶ୍ମିରଞ୍ଜନ ରାଉତ ବିଷୟ ବିଶାରଦ ଯୋଗ ଦେଇ (ଡିସ୍‌କ୍ଲୋଜରର ଅପଡେସନ) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ ଉତ୍ତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା, କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ନିମିତ୍ତ ଆବଶ୍ୟକ ରେଜିଷ୍ଟର ଲିପିବଦ୍ଧ କରିବା, କାର୍ଯ୍ୟାଳୟରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ନାମ ଯୋଗାଯୋଗ ନାମର ଆଦି ପ୍ରଦର୍ଶିତ କରିବା ଆଦି ବିଷୟରେ ବିଶଦ ଆଲୋଚନା କରିଥୁଲେ । ପ୍ରଶ୍ନୋତ୍ତର ଅଧିବେସନରେ ଅଧିକାରୀ ମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ ।

## ସଶକ୍ତ ନାରୀ ସଶକ୍ତ ରାଷ୍ଟ୍ର' କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ସହର ଚନ୍ଦ୍ରଚୁଡ ମନ୍ଦିର ନିକଟ ମହାନଦୀ ଆଳତୀ ଘାଟ ଠାରେ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଡେପୁଟି କଲେକ୍ଟର ଜ୍ୟୋତି ରନ ଭୂଏଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ । ସମ୍ମାନିତ ଅତିଥି ଭାବରେ ତହସିଲଦାର ଅନୀତା କୁମାରୀ ସାହୁ, ଡେପୁଟି କଲେକ୍ଟର ପରିପୂର୍ଣ୍ଣା ଦେବୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ମହିଳା ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ ଯୋଗ ଦେଇଥିଲେ । ଡେପୁଟି କଲେକ୍ଟର ଅଙ୍କିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆତ୍ମରକ୍ଷା ପ୍ରଦର୍ଶନ ଓ ପ୍ରଶିକ୍ଷଣ ସହିତ ସ୍ୱାସ୍ଥ୍ୟ ନିରାପତ୍ତା ଓ ନେତୃତ୍ୱ ଉପରେ ସଚେତନତା କରାଯାଇଥିଲା । ଶୁକ୍ରବାର ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମର ପ୍ରଶିକ୍ଷିକା ଲଳିତା ଅଗ୍ରୱାଲ, ପ୍ରଜ୍ଞା ଦାଶ ଓ ନମିତା ଅମାତ୍ ଏବଂ ଆଜିର ଆତ୍ମରକ୍ଷା ପ୍ରଶିକ୍ଷିକା ସୁପ୍ରିୟା ଦେହୁରୀ, କରିସ୍ମା ବେହେରା, ଯୋଗ ଗୁରୁ ଦେବାଶିଷ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମହିଳାମାନେ ସବୁ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହୁଅନ୍ତୁ

**ଖପ୍ରାଖୋଲ, ନ୍ୟୁଜ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷଠାରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଶନିବାର ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଅଧକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦ ଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ସିଡିପିଓ ଅମିତା ପଣ୍ଡା, ଓ ଏ ଭି ଅଧକ୍ଷା ସରିତା ନାଏକ, ଓଏଲ୍‌ଏମ ବି ପି ଏମ ପଙ୍କଜିନି ତରାସିଆ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଯୋଗଦେଇଥିଲେ । ଏହି ଅବସରରେ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ହେବା ସହିତ ସବୁ କ୍ଷେତ୍ର ରେ ଦକ୍ଷତା ପ୍ରଦର୍ଶନ ଉପରେ ଅତିଥି ମାନେ ମତପୋଷଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳା ଙ୍କୁ ଟ୍ରଫି ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ବ୍ଲକ ଅଧକ୍ଷା ନିରୂପମା ପଟେଲ, ସ୍ଥାନୀୟ ସରପଞ୍ଚ ଟ୍ୱିଙ୍କଲ ସେନ୍ଧ୍ରାଆ, ମହିଳା ଚାଷୀ ସରୋଜିନୀ ସାହୁ, ରଶ୍ମିତା ପାତ୍ର , ସୂର୍ଯ୍ୟ ବରିହା, ଗୌରୀ ଭୁଏ, ମହିଳା ଡ଼ାକ୍ତର ମୋନିକା ମଲ୍ଲିକ ସମେତ ବିଭିନ୍ନ କ୍ଷେତ୍ର ରେ ଅଗ୍ରଣୀ ମହିଳା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପବିତ୍ର ପଟେଲ, ଉମେଶ ଗୁପ୍ତା , ପ୍ରଶାନ୍ତ ନନ୍ଦ, ମାଧୁରୀ ଦୀପ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଆଶା, ଅଙ୍ଗନବାଡ଼ି କର୍ମୀ, ଏମ ବି କେ, ସି ଆର ପି ଉପସ୍ଥିତ ଥିଲେ । ଏଫ୍ ଇ ଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓ ଏଲ୍ ଏମ ବି ପି ଏମ ପାଙ୍କଜିନି ତରାଶିଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଚୋରଦା ଛକରେ ସାଇବର ଥାନା ଉଦ୍‌ଘାଟିତ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦ ଚୋରଦା ଛକରେ ଥିବା ପୁରୁଣା ଥାନା ପରିସରରେ ଯାଜପୁର ଜିଲ୍ଲା ପ୍ରଥମ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଥାନାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି । ଦୀର୍ଘବର୍ଷ ଧରି ବନ୍ଦହୋଇ ରହିଥିବା ପୁରୁଣା ଥାନା ଗୃହକୁ ନବୀକରଣ କରି ଜିଲ୍ଲାର ପ୍ରଥମ ସାଇବର ଥାନା ସ୍ଥାପନ କରାଯାଇଛି । ଲୋକାର୍ପଣ ଉତ୍ସବରେ ଯାଜପୁର ଏସ୍.ପି. ଯଶପ୍ରତାପ ଶ୍ରୀମାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ଉପରେ ସୂଚନା ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଅତିରିକ୍ତ ଏସ୍.ପି. ରତିକାନ୍ତ ଗିରି, ଆର.ଆଇ. ଦିନେଶ କୁମାର ସାହୁ, ଏସ୍.ଡି.ପି.ଓ. ଶରତ ଚନ୍ଦ୍ର ପାତ୍ର, ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ, ସାଇବର ଥାନା ଅଧିକାରୀ ସମରଜିତ ନାୟକ, ଉନ୍ସପେକ୍ଟର ଦେବାଶିଷ ଶତପଥୀ, ଜ୍ୟୋତିର୍ମୟୀ ସେଠୀ, ଏସ୍.ଆଇ. ଦିପାଲିସା ନାୟକ, ବି.କେ. ବିଶ୍ୱାଳ, ବିରେଶ କୁମାର ସାହୁ, ଏମ୍.କେ. ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଜଣେ ଡି.ଏସ୍.ପି. ପାହ୍ୟାର ଅଧିକାରୀ, ୫ଜଣ ଇନ୍ସପେକ୍ଟର ଏବଂ ୧୦ ଜଣ ସବ୍-ଇନ୍ସପେକ୍ଟର ରହିବାର ବ୍ୟବସ୍ଥା ରହିଛି । ବର୍ତ୍ତମାନ ପ୍ରାରମ୍ଭିକ ଭାବେ ୩ ଜଣ ଇନ୍ସପେକ୍ଟର, ୪ ଜଣ ସବ୍-ଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇଛି । ସାଇବର ଥାନାର ଲୋକାର୍ପଣ ଉତ୍ସବର କିଛିକ୍ଷଣ ମଧ୍ୟରେ ପ୍ରଥମ ମାମଲା ରୁଜୁ ହୋଇଛି । ଜୈନିକ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଦେଢଲକ୍ଷ ଲୁଟ୍ ହୋଇଥିବା ସେ ଅଭିଯୋଗ କରିଛନ୍ତି ।

## ବୌଦ୍ଧରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦଘାଟିତ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ଶୁକ୍ରବାର ସନ୍ଧ୍ୟାରେ ବୌଦ୍ଧ ଆଦର୍ଶ ଥାନା ପରିସରରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଆଭାସୀ ମାଧ୍ୟମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଭୁବନେଶ୍ୱର ଠାରୁ ଗୃହମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦଘାଟନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୌଦ୍ଧ ଥାନା ପରିସରରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଫିତାକାଟି ଏହି ସାଇବରଥାନାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ବିଭିନ୍ନ ପୋଲିସ ଅଧିକାରୀ, କନ୍ଧମାଳ ସାଂସଦ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲଙ୍କ ସମେତ ଆଇନଜୀବୀ, ସାମ୍ବାଦିକ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ପବିତ୍ର ଶ୍ରୀରାମ ନବମୀରୁ ବ୍ରହ୍ମପୁର ମହୋତ୍ସବ ଶୁଭାରମ୍ଭ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ସାଂସ୍କୃତିକ ଉତ୍ସବ ବ୍ରହ୍ମପୁର ମହୋତ୍ସବକୁ ପବିତ୍ର ଶ୍ରୀରାମ ନବମୀ ତଥା ଆସନ୍ତା ୨୭ ରୁ ମାର୍ଚ୍ଚ ୨ ଏପ୍ରିଲ୍ ଦୀର୍ଘ ୭ ଦିନ ବ୍ୟାପୀ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆଠାରେ ଆୟୋଜନ କରିବା ସହ ସ୍ଥାନୀୟ କଳାକାରଙ୍କୁ ଅଧିକ ସୁଯୋଗ ଦିଆଯିବ । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ଜିଲ୍ଲା ସାଂସ୍କୃତିକ ପରିଷଦଙ୍କ ପ୍ରେରିତ ଉଚ୍ଚକୋଟିର ସାଂସ୍କୃତିକ ଅନୁଷ୍ଠାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ ସହ ସାତ ଦିନ ବ୍ୟାପୀ ଏହି ଉତ୍ସବରେ ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ସରକାରୀ, ବେସରକାରୀ, ସ୍ୱୟଂ ସହାୟିକା ଗୋଷ୍ଠୀର ଷ୍ଟଲ୍ ଖୋଲାଯିବ । ମହିଳା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ । ପ୍ରତ୍ୟେକ ଦିନ ସହରର ସାଂସ୍କୃତିକ, ପରମ୍ପରା, ପର୍ଯ୍ୟଟନ, ବାଣିଜ୍ୟ, ସାହିତ୍ୟ ଉପରେ ମାନ୍ୟଗଣ ବ୍ୟକ୍ତି, ସୁବକ୍ତା, କଳାକାରମାନଙ୍କୁ ନିମନ୍ତ୍ରଣ କରାଯାଇ ଆଲୋଚନା କରାଯିବା ସହ ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ମାନୀତ କରାଯିବ ବୋଲି ଆଜି ସ୍ଥାନୀୟ ସର୍କିଟ୍ ହାଉସ୍ ସମ୍ମିଳନୀ ପ୍ରୋକୋଷ୍ଠରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଥିନେଇ ସୂଚନା ପ୍ରଦାନ କରାଯାଇଛି । ମହୋତ୍ସବ ପରିଚାଳନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ଚଳିତ ବର୍ଷ ଅନୁଷ୍ଠିତ ବ୍ରହ୍ମପୁର ମହୋତ୍ସବକୁ ସମସ୍ତଙ୍କ ସାହାଯ୍ୟରେ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜକ ତଥା ମହାନ୍ ସଂଘ ସଭାପତି ସୁଶାନ୍ତ କୁମାର ସାବତ ମହୋତ୍ସବ ଉପରେ ସୂଚନା ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ଅର୍ଗାନାଇଜିଂ କମିଟି ସମ୍ପାଦକ ସୀମାଞ୍ଚଳ ପାଣିଗ୍ରାହୀ, ସାଂସ୍କୃତିକ କମିଟି ସମ୍ପାଦକ ଗୋପାଳ ପଟ୍ଟନାୟକ, ଶ୍ରୀକାନ୍ତ ସାବତ, ଇଭେଣ୍ଟ୍ ରେସ୍‌ପନ୍ସ ମାର୍କେଟିଂ ମୁଖ୍ୟ ରବିଶଙ୍କରଙ୍କ ସମେତ ମହୋତ୍ସବ କମିଟି ଓ ମହାନ୍ ସଂଘର ବହୁ ସଦସ୍ୟ/ସଦସ୍ୟା ଉପସ୍ଥିତଥିଲେ ।

# ଖେଳ ପଡ଼ିଆ ପାଲଟିଲା ସିଟି ବସ୍‌ଷ୍ଟାଣ୍ଡ —
# କାର୍ଯ୍ୟକ୍ଷମ ହେଲା ହଳଦିଆପଦର ଓ ଡୁଡୁମା କଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**






ଗେଟ୍‌ବଜାର ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଯୋଗୁଁ ନୂଆ ବସ୍‌ଷ୍ଟାଣ୍ଡକୁ ବନ୍ଦ କରି ଫାଷ୍ଟଗେଟ୍ ଡୁଡୁମା କଲୋନୀସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯାଇଛି । ଫଳରେ ଆସିକା, ଦିଗପହଣ୍ଡି, ରାୟଗଡ଼ା ଓ ଫୁଲବାଣୀ ରୁଟ୍‌ରେ ଆସୁଥିବା ସମସ୍ତ ବସ୍‌ଗୁଡ଼ିକ ସହର ଭିତରକୁ ପ୍ରବେଶ ନ କରି ଡୁଡୁମା କଲୋନୀ ବସ୍‌ଷ୍ଟାଣ୍ଡରୁ ଯାତାୟତ କରିଥିଲା । ଏଥି ସହିତ ସହରର ବିଭିନ୍ନ ସ୍ଥାନରୁ ଲୋକେ ଆମ ବସ୍ ଓ ଅଟୋ ରିକ୍ସା ଯୋଗେ ବସ୍‌ଷ୍ଟାଣ୍ଡକୁ ଯାତାୟତ କରିଥିଲେ । ସଦାସର୍ବଦା ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ନୂଆ ବସ୍‌ଷ୍ଟାଣ୍ଡରେ ବସ୍ ନଥିବା ଯୋଗୁଁ ଖାଲି ପଡିବା ପରେ ସେଠାରେ ପିଲାମାନେ କ୍ରିକେଟ୍ ଖେଳିବା ଆରମ୍ଭ କରିଦେଇଛନ୍ତି । ନୂଆ ବସ୍‌ଷ୍ଟାଣ୍ଡକୁ ବନ୍ଦ କରାଯାଇ ଡୁଡୁମା କଲୋନୀ ଠାରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ୍ କାର୍ଯ୍ୟକ୍ଷମ ହେବା ଫଳରେ ସହରର ଟ୍ରାଫିକ୍ ସମସ୍ୟାର ଯଥେଷ୍ଟ ସମାଧାନ ହୋଇପାରିଛି । ଟ୍ରାଫିକ୍ ସମସ୍ୟାର ସମାଧାନ ସହିତ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରାଫିକ୍ ଥାନା ସମେତ ସମସ୍ତ ଥାନା ଅଧିକାରୀଙ୍କୁ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଉଭୟ ଡୁଡୁମା କଲୋନୀ ବସ୍ ?ଷ୍ଟାଣ୍ଡ୍ ଓ ହଳଦିଆପଦର ବସ୍‌ଷ୍ଟାଣ୍ଡ ଇଲାକାରେ ନାଇଟ୍ ପାଟ୍ରୋଲିଂ ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି । ତେବେ ଯାତ୍ରୀଙ୍କୁ ମଧ ନିଜ ସୁରକ୍ଷା ସହିତ ନିଜ ସାମଗ୍ରୀ ପ୍ରତି ଯତ୍ନବାନ ହେବା ଜରୁରୀ । କୌଣସି ପରିସ୍ଥିତିରେ ଯାତ୍ରୀ ନିଜକୁ ଅସୁରକ୍ଷିତ ମଣିଲେ ତୁରନ୍ତ ପୋଲିସକୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ସେପଟେ ହଳଦିଆପଦର ବସ୍‌ଷ୍ଟାଣ୍ଡ୍ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ସେଠାରେ ଏ ପର୍ଯ୍ୟନ୍ତ ପୋଲିସ ଫାଣ୍ଡି ପ୍ରତିଷ୍ଠା କରାଯାଇନାହିଁ । ପ୍ରଥମ ଦିନରେ ବିଭିନ୍ନ ରୁଟ୍‌ରେ ବସ୍ ଚଳାଚଳ ସମ୍ଭବପର ହୋଇନଥିବା ଜଣାପଡ଼ିଛି । କେବଳ କଟକ ଓ ଭୁବନେଶ୍ୱର ବସ୍ ସହ ଆନ୍ଧ୍ର ଅଭିମୁଖେ ଯାତାୟତ କରୁଥିବା କିଛି ବସ୍ ଯାତାୟତ କରିଥିଲା । ପୁରୁଷୋତ୍ତମପୁର ରୁଟ୍‌ରେ ଆସୁଥିବା ବସ୍ ପାଇଁ ସମସ୍ୟା ରହିଥିବା ବେଳେ ପ୍ରଥମ ଦିନରେ ହଳଦିଆପଦର ଓ ଡୁଡୁମା କଲୋନୀ ଠାରେ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଯାତ୍ରୀଙ୍କୁ । ତେବେ ନୂଆ ବସ୍‌ଷ୍ଟାଣ୍ଡକୁ ବନ୍ଦ କରି ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ ନେଇ ପ୍ରଶାସନର ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ମେଂଟୁଛକ ରାସ୍ତା ଚାରି ଚକିଆ ହୋଇଥିବା ବେଳେ ରାସ୍ତା ମଧ ସଂକୀର୍ଣ୍ଣ । ଏଣୁ ଅନ୍ଧପସରା ଠାରୁ ମେଂଟୁ ଛକ ଦେଇ ଫାଷ୍ଟଗେଟ୍‌କୁ ବାହାରିବା ରୁଟ୍‌ରେ ପରିବର୍ତ୍ତନ ଜରୁରୀ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ଏଥିପାଇଁ ଜମି ଅଧିଗ୍ରହଣ ସହ ରାସ୍ତାକୁ ପ୍ରଶସ୍ତ କରିବା ଆବଶ୍ୟକ । ସହରର ତଥା ସହରବାସୀଙ୍କ ଦୀର୍ଘ ଦିନର ସମସ୍ୟାର ସମାଧାନ ପାଇଁ ଗେଟ୍ ?ବଜାର ଓଭର ବ୍ରିଜ୍ ନିର୍ମାଣ କରାଯାଉଛି । ଏଥିପାଇଁ ଉକ୍ତ ରାସ୍ତାରେ ଭାରୀଯାନ ଚଳାଚଳ ହେଲେ ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି । ଏହି କାରଣରୁ ସହର ମଧ୍ୟରେ ଥିବା ନୂଆ ବସ୍‌ଷ୍ଟାଣ୍ଡ୍ ବା ସିଟି ବସ୍‌ଷ୍ଟାଣ୍ଡକୁ ବନ୍ଦ ରଖିବାକୁ ନିଷ୍ପତି ନେଇଛି ପ୍ରଶାସନ । ଏଥି ସହିତ ବିକଳ୍ପ ଭାବେ ହଳଦିଆପଦର ଓ ଡୁଡୁମା କଲୋନୀ ଠାରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ୍ ପ୍ରତିଷ୍ଠା କରାଯାଇଛି । ଏହାକୁ କାର୍ଯ୍ୟକ୍ଷମ କରିବା ପୂର୍ବରୁ ବିଭିନ୍ନ ଷ୍ଟେକ୍ ହୋଲ୍‌ଡ଼ରଙ୍କ ସହିତ ବାରମ୍ବାର ଆଲୋଚନା କରାଯିବା ସହିତ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା କରାଯାଇଛି । ସମସ୍ତଙ୍କ ଠାରୁ ପୂର୍ଣ୍ଣ ସହଯୋଗ ମିଳିଥିବା ବେଳେ ପ୍ରଥମ ଦିନରେ କିଛି ସମସ୍ୟା ଦେଖିବାକୁ ମିଳିଥିଲା । ଯାହାର ତୁରନ୍ତ ସମାଧାନ କରାଯାଇଛି । କିଛି ସ୍ଥାନରେ ଜବରଦଖଲ ଯୋଗୁଁ ସୃଷ୍ଟି ହୋଇଥିବା ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ଜବରଦଖଲ ଉଚ୍ଛେଦ କରାଯାଇଛି । ପ୍ରାରମ୍ଭିକ ଭାବେ ଯଦିଓ ଏହି ନୂତନ ବ୍ୟବସ୍ଥାକୁ ନେଇ କିଛି ସମସ୍ୟା ଦେଖାଯିବ ତେବେ କ୍ରମଶଃ ଅଭ୍ୟାସରେ ପରିଣତ ହେବ ଏବଂ ସବୁ ଠିକ୍ ହୋଇଯିବ । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସହରର ବିଭିନ୍ନ ରୁଟ୍‌ରେ ଅଧିକ ସଂଖ୍ୟକ ଆମ ବସ ଚାଲୁ କରିବାକୁ କ୍ରୁଟ୍ ସହିତ ଆଲୋଚନା କରାଯାଇଛି । ପ୍ରଥମତଃ ଗେଟ୍‌ବଜାର ଠାରୁ ଫାଷ୍ଟଗେଟ୍ ପର ?ୟ୍ୟନ୍ତ ଲାଗି ରହିଥିବା ଟ୍ରାଫିକ୍ ସମସ୍ୟାରୁ ସହରବାସୀ ମୁକୁଳି ପାରିଛନ୍ତି । ଉଭୟ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ପାଇଁ ଆହାର କେନ୍ଦ୍ର ଖୋଲିବାକୁ ପ୍ରଶାସନ ସହିତ ଆଲୋଚନା କରାଯାଇ ନିଷ୍ପତି ନିଆଯିବ । ନୂଆ ବସ୍‌ଷ୍ଟାଣ୍ଡରେ ଦୀର୍ଘ ୪୦ ବର୍ଷ ଧରି ବ୍ୟବସାୟ କରି ଆସୁଥିବା ତଥା ବିଇଡ଼ିଏ ଲିଜ୍‌ଧାରୀ ଶତାଧିକ ଦୋକାନୀ ସେମାନଙ୍କ କାରବାର ଚାଲୁ ରଖିବେ । ସେମାନଙ୍କ ଭଡ଼ା ବାବଦରେ କର୍ତ୍ତୃପକ୍ଷ ବୈଠକରେ ଆଲୋଚନା କରାଯିବ ଓ ସେମାନଙ୍କ ପାଇଁ କି ପ୍ରକାର ବ୍ୟବସ୍ଥା କରାଯିବ ସେ ନେଇ ଆଲୋଚନା କରାଯିବ । ପରିସ୍ଥିତିର ସୁଯୋଗ ନେଇ ଯଦି କୌଣସି ଅଟୋ ରିକ୍ସା ଚାଳକ ଯାତ୍ରୀଙ୍କ ଠାରୁ ଚଢ଼ା ଦର ଦାବି କରନ୍ତି ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଚଂଳିକ ପରିବହନ ଅଧିକାରୀଙ୍କ ଜରିଆରେ ସ୍ୱତନ୍ତ୍ର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି । ବର୍ତ୍ତମାନ ପ୍ରତି ୨୦ ମିନିଟ୍‌ରେ ବିଭିନ୍ନ ରୁଟ୍‌ରେ ବସ୍ ଚଳାଚଳ କରୁଥିବା ବେଳେ ଉଭୟ ବସ୍‌ଷ୍ଟାଣ୍ଡରେ ପାନୀୟ ଜଳଯୋଗାଣ, ବିଦ୍ୟୁତିକରଣ ସହିତ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଉଥିବା କହିଛନ୍ତି ବିଇଡ଼ିଏ ଉପାଧ୍ୟକ୍ଷ ତଥା ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ । ସେହିଭଳି ଆଗକୁ ସହରରେ ପ୍ରସ୍ତାବିତ କମାପଲ୍ଲୀ ଓଭରବ୍ରିଜ୍, ରିଂ ରୋଡ୍ ଓ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ନାଳ ବ୍ୟବସ୍ଥା ଓ ରାସ୍ତାଘାଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସହରର ଚିତ୍ର ବଦଳିଯିବ ବୋଲି କହିଛନ୍ତି ବିଇଡ଼ିଏ ଉପାଧ୍ୟକ୍ଷ ।

# ସୂଚନା ଅଧିକାର ଆଇନ ସଠିକ୍ ଅନୁପାଳନ ଉପରେ ଗୁରୁତ୍ୱ




**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫ର ସଠିକ୍ ଅନୁପାଳନ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ କଲେକ୍ଟୋରେଟ୍‌ର ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅଧିକାର ଆଇନର ଧାରା ୪ (୧) (ଖ) ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ତଥ୍ୟାବଳୀକୁ ସ୍ୱେଚ୍ଛାକୃତ ଭାବେ ସର୍ବସାଧାରଣରେ ପ୍ରକାଶ କରିବା ହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କର୍ମଶାଳାକୁ ଭୁବନେଶ୍ୱରରୁ ଆସିଥିବା ବିଷୟ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ପ୍ରଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ ଅନ୍‌ଲାଇନ୍ ଆ ?ଟିଆଇ ପୋର୍ଟାଲ କିପରି ଇ-ଆରଟିଆଇ ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପ୍ରଦାନ କରାଯିବ । ସରକାରୀ ୱେବସାଇଟ୍‌ରେ ୧୭ଟି ବିଶିଷ୍ଟ ତଥ୍ୟାବଳୀର ନିୟମିତ ଅପଡେଟ୍ । ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଏବଂ ଆବେଦନ ଖାରଜ ହେଲେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟା । ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥରାଶିର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ଆଲୋଚନା । ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଜନ ସୂଚନା ଅଧିକାରୀ ଏବଂ ସହକାରୀ ଜନ ସୂଚନା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧିକାରୀମାନେ ସେମାନଙ୍କର ସନ୍ଦେହ ଦୂର କରିବା ସହ ବାସ୍ତବ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ । ସୂଚନା ଅଧିକାର ଆଇନ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଓଡ଼ିଆ ଓ ଇଂରାଜୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ସେମାନଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ରାଶି ମଧ ପ୍ରଦାନ କରାଯାଇଥିଲା । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ, ନିଜାରତ ସନ୍ତୋଷ କୁମାର ଜେନା ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୮ ୫ ବୃ | ୩ | ଶୁକ୍ର ୨ ଚନ୍ଦ୍ର ମଙ୍ଗଳ |
| ୬ | ୧୫ / ୭ | ୧୨ |
| ୭ କେ ୪ | ୯ ଚ | ୧୧ ୧୦ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୯।୦୩।୨୦୨୬, ଫାଲ୍‌ଗୁନ ଦି୨୫ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୬।୦୩।୨୭ ଚନ୍ଦ୍ରୋଦୟ- ରାଘ ୧୧।୦୯।୩୦**

**ଷଷ୍ଠୀ-** ରାଘ ୧୧।୨୯ ପର୍ଯ୍ୟନ୍ତ, ବିଶାଖା ନକ୍ଷତ୍ର ଦିଘ ୪।୧୩ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦିଘ ୯।୩୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର । ଦିଘ ୯।୩୨ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ରାଘ ୧୧।୨୯ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୦୭ ଗତେ ଦିଘ ୭।୩୪ ମଧ୍ୟେ । ଦିଘ ୧୦।୪୮ ଗତେ ଦିଘ ୧।୧୦ ମଧ୍ୟେ । **ପର୍ବୋତ୍ସବ-** ସ୍କନ୍ଦ ଷଷ୍ଠୀ ।

**ମେଷ:** ବନ୍ଧୁ ମିଳନ ସହ ସାହାଯ୍ୟ ଓ ସହଯୋଗ ମଧ ପ୍ରାପ୍ତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ବ୍ୟବସାୟରେ ଆଶାନୁରୂପକ ଫଳ ଲାଭ ହେବ । ଘରେ ଆନନ୍ଦ ଦେଖାଦେବ ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ସହକର୍ମୀ ସହଯୋଗ ଲାଭ କରିବେ। ଶତ୍ରୁନାଶ ହେବ । ଆୟର ପରିମାଣ ବଢ଼ିବ । ପାରିବାରିକ ଜୀବନ ଆନନ୍ଦ ଉତ୍ସବରେ କଟିବ । ଦେହ ଭଲ ରହିବାର ସୂଚନା ।

**ମିଥୁନ:** ଅନେକ କ୍ଷେତ୍ରରେ ବିଜୟ ହାସଲ କରିବେ । ମନ ସଦା ସର୍ବଦା ପ୍ରସନ୍ନ ରହିବ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ଆୟ ପୂର୍ବପରି ସ୍ଥିର ରହିବ ।

**କର୍କଟ:** କର୍ମକ୍ଷେତ୍ରରେ ମାନହାନୀ ଘଟି ପାରେ । ଆର୍ଥିକ ସ୍ଥିତି ମାନ୍ଦା ହେବ । ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ । ପରିବାରେ ଅଶାନ୍ତି ଦେଖାଦେବାର ସୂଚନା ମନ ଅସ୍ଥିର ରହିବ ।

**ସିଂହ:** ଚାକିରୀ କ୍ଷେତ୍ରରେ ଉତ୍ସାହିତ ହୋଇ କାର୍ଯ୍ୟ କରିଚାଲିବେ । ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଶତ୍ରୁ ସଂଖ୍ୟା ହ୍ରାସ ପାଇବ । ପରିବାରରେ ଆନନ୍ଦ ଦାୟକ ଦେଖାଦେବ ।

**କନ୍ୟା:** ମନରେ ଘୃଣା ଭାବ ଜାତ ହେବ । ହଠାତ୍ କୌଣସି ଏକ ଖବର ପାଇ ମାନସିକ ଅସ୍ଥିରତା ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ଗୃହେ କଳହ ଦେଖାଦେଇପାରେ ।

**ତୁଳା:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ଅନ୍ତରଙ୍ଗ ବନ୍ଧୁ ସହ ଭେଟ ହୋଇପାରେ । ଉତ୍ତମ ଭୋଜନ ମିଳିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଭ୍ରମଣ ଯୋଗ ରହିଛି ।

**ବିଛା:** କେତେକ କାର୍ଯ୍ୟ ମନକୁ ଓଜନିଆ କରିବ । ସତର୍କ ନ ହେଲେ ବୃଥା ଅପମାନିତ ହୋଇପାରନ୍ତି । ଆଳସ୍ୟ ପରିହର କରିବା ଉଚିତ୍ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।

**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ଜୀବନ ସୁଖମୟ ହେବ । ଉତ୍ତମ ଭୋଜନରେ ଆପାୟିତ ହେବେ । ଆୟର ପରିମାଣ ବଢ଼ିବ । କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।

**ମକର:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଶୁଭ ଖବର ପାଇ ଆନନ୍ଦିତ ହେବେ । ରୋଜଗାର ଭଲ ହେବ । ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଗୃହେ ସୁଖୀ ହେବେ । ମହିଳାମାନେ ଆନନ୍ଦମନା ହେବେ ।

**କୁମ୍ଭ:** ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଲାଭବାନ୍ ହେବେ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଆୟ ମଧ୍ୟମ ଧରଣର ହେବ । ପାରିବାରିକ ସୁଖ,ଶାନ୍ତି ।ଅକ୍ଷୁଣ୍ଣ ରହବ ।

**ମୀନ:** ଆନନ୍ଦ ଉତ୍ସବ ମଧ୍ୟରେ ଦିନଟି ବିତିବ । ଦୁଃସାହାସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ । ମନ ଅସ୍ଥିର ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୦।୦୩।୨୦୨୬, ଫାଲ୍‌ଗୁନଦି୨୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୦୭।୨୮ ଚନ୍ଦ୍ରୋଦୟ-ପ୍ରାଘ୧୨।୦୩।୪୪**

**ସପ୍ତମୀ-** ରାଘ୧।୫୬ପର୍ଯ୍ୟନ୍ତ । ଅନୁରାଧାନକ୍ଷତସଂଘ୭।୦୩ପର୍ଯ୍ୟନ୍ତ **ବିଛାଚନ୍ଦ୍ର-ଅହୋରାତ୍ର । ଚନ୍ଦ୍ରଶୁଦ୍ଧି-**ବୃଷ,ମିଥୁନ, ସିଂହ, କନ୍ୟା,ବିଛା, ଧନୁ,ମକର,କୁମ୍ଭ, ରାଶିର **ଘାତ ଚନ୍ଦ୍ର-**ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-**ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-**ତାଳ ରାଘ୧।୫୬ଗତେ ନଡିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୨ ଗତେ ଦିଘ ୧୦।୪୮ ମଧ୍ୟେ ଦିଘ୧।୦୯ଗତେ ଦିଘ୧।୨୭ ମଧ୍ୟେ । ପର୍ବୋତ୍ସବ-ଚୈତ୍ର ମଙ୍ଗଳବାର ଓଷା ଆରମ୍ଭ,ମା ତାରାତାରିଣୀ ଯାତ୍ରା ଆରମ୍ଭ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ମାର୍ଚ୍ଚ ୨୦୨୬ ସୋମବାର





# ଜିଲ୍ଲାପାଳଙ୍କ ଅଫିସରୁ ଧାନ ଚୋରି




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାପାଳ ଅଫିସରେ ଧାନ ପକାଇ ଧାରଣା ଦେଇଥିବା ଚାଷୀଙ୍କ ଧାନ ଚୋରି ହୋଇଯାଇଥିବା ନୀଳାଞ୍ଚଳ ଦେହେରୀ, ତିଳରାମ ଦେହେରୀ, ପ୍ରଭାତ ଦେହେରୀ, ଦେବେନ୍ଦ୍ର ଛୁରିଆ, କିଶୋର ଦେହେରୀ, ବୀରେନ୍ଦ୍ର ଦେହେରୀ, ଅଶ୍ୱିନୀ ଦେହେରୀ ଚାଷୀମାନେ ଟାଉନ୍ ଥାନାରେ ଲିଖିତ ଭାବେ ଏଫ୍‌ଆଇଆର୍ ଦେଇଛନ୍ତି। ପ୍ରକାଶଥାଉକି ଜିଲ୍ଲାରେ ପଞ୍ଜିକରଣରୁ ବାଦ୍ ପଡ଼ିଥିବା ହଜାର ହଜାର ଚାଷୀମାନେ ଟୋକନ୍ ଆସିବ, ଧାନ ବିକ୍ରି ହେବା ଆଶା ନେଇ ଜିଲ୍ଲାର ବିଭିନ୍ନ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପକାଇଛନ୍ତି ଏବଂ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀ ମାନଙ୍କୁ ଭେଟି ଏହି ସମସ୍ୟାର ସମାଧାନ କରିବାକୁ ନିବେଦନ କରିଛନ୍ତି। ପ୍ରଶାସନିକ ସ୍ତରରେ ଅପେକ୍ଷାକର ଟୋକନ୍ ଆସିବ କହି ଆଶ୍ୱାସନା ଦେଉଛନ୍ତି ହେଲେ ଟୋକନ୍ ନାହିଁ କି ଧାନ କିଣା ହେଉନାହିଁ। ସେଥିପାଇଁ ଚାଷୀମାନେ ବାଧହୋଇ ଜିଲ୍ଲାପାଳ ଅଫିସରେ ତାଙ୍କର କଷ୍ଟ ଉପାର୍ଜିତ ଧାନ ପକାଇ ଧାରଣାରେ ବସିଥିଲେ। ଦିନ ୨ଟା ପର୍ଯ୍ୟନ୍ତ କୌଣସି ଅଧିକାରୀ ଆଲୋଚନା ପାଇଁ ନଆସିବାରୁ କାର୍ଯ୍ୟରତ ଥିବା ପୋଲିସ ମାନଙ୍କ ଉପସ୍ଥିତିରେ ଧାନ ଛାଡି ଘରକୁ ଯିବା ଘୋଷଣା କରିଥିଲେ। ସକାଳୁ ଆସି ଦେଖିଲା ବେଳେ ପକାଇଥିବା ଧାନ ନାହିଁ । ଆଶ୍ଚର୍ଯ୍ୟ ହୋଇ ଟାଉନ୍ ପୋଲିସକୁ ଫୋନ୍ କରିବାରୁ ଡିଆର୍‌ସିଏସ୍‌ଙ୍କୁ ପଚାରି ବୁଝିବା ପାଇଁ କହିଥିଲେ, ଡିଆର୍‌ସିଏସ୍ ମହୋଦୟ ମଧ ଏହି ପ୍ରସଙ୍ଗରେ କିଛି ଜାଣିନଥିବା କହିଛନ୍ତି। ବଡ ଆଶ୍ଚର୍ଯ୍ୟର ବିଷୟ ଜିଲ୍ଲାପାଳ ଅଫିସରୁ ଧାନ ଚୋରି କରି ନେଲା କିଏ ଓ କାହିଁକି ବୋଲି ପ୍ରଶ୍ନ କରି ଏହା ଅତ୍ୟନ୍ତ ଦୁଃଖର ଏବଂ ପରିତାପର ବିଷୟ ବୋଲି ସଂଯୁକ୍ତ କୃଷକ ସଂଗଠନର ସଦସ୍ୟ ରମେଶ ମହାପାତ୍ର, ସୁଦାମ ପାତ୍ର, ସୁରେଶ ନିକେଣ୍ଟି, ନିରଞ୍ଜନ ପଧାନ ପ୍ରକାଶ କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ମର୍ମସ୍ପର୍ଶୀ ଅଟେ ଯଦି କୃଷକମାନେ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି ନକରିପାରି ହକ୍ ଅଧିକାର ଆନ୍ଦୋଳନକୁ ଏପରି ଭାବେ ଦମନ କରିବା ପ୍ରଶାସନର ହୀନ ଚକ୍ରାନ୍ତ ବୋଲି ବୁଦ୍ଧିଜୀବୀ ମହଲରେ ବେଶ୍ ଚର୍ଚ୍ଚା ହେଉଛି।

# ପୁରୀରେ ସାଇବର ଠକେଇର ପର୍ଦ୍ଦାଫାଶ:୩ ଅଭିଯୁକ୍ତ ଗିରଫ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଜିଲ୍ଲାରେ ସାଇବର ଅପରାଧକୁ ରୋକିବା ଓ ଆର୍ଥିକ ଠକେଇ ବିରୋଧରେ କଡା ପଦକ୍ଷେପ ନେବା ପାଇଁ ପୁରୀ ପୋଲିସ୍ ନିରନ୍ତର ଭାବେ ଅଭିଯାନ ଚାଲୁରଖିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ପୁରୀ ସାଇବର ଥାନା ପକ୍ଷରୁ ଏକ ବିଶେଷ "ବେନାମୀ ଆକାଉଣ୍ଟ ଡ୍ରାଇଭ୍" ସଫଳତାର ସହିତ ଚଲାଯାଇଥିଲା। ଏହି ଅଭିଯାନ ସମୟରେ ତଦନ୍ତ କରି ପୋଲିସ୍ ତିନୋଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ କରିଥିବା ସହିତ ଏହା ସହ ଜଡିତ ତିନି ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ଅହମଦ ଟୋପନ, ପିତା ଅବଦୁଲ କଲାମ ଅଜାଦ, ଗ୍ରାମ ଅରୁଲପୁରମ, ବୀରାପଣ୍ଡୀ, ଜିଲ୍ଲା ତିରୁପପୁର, ରାଜ୍ୟ ତାମିଲନାଡୁ । ଅବଦୁଲ ଆଜିଜ୍ ଶେଖ (୩୮), ପିତା ଅବଦୁଲ କଲାମ ଶେଖ, ଗ୍ରାମ ଅମିତ୍ୟ, ପୋଷ୍ଟ-ବେଣିପୁର, ରାଜ୍ୟ ପଶ୍ଚିମବଙ୍ଗ । ସୁଶାନ୍ତ କୁମାର ପରିଡା, ପିତା ବୀରେନ୍ଦ୍ର କୁମାର ପରିଡା, ଗ୍ରାମ ଶୋଭାରାମପୁର, ଥାନା ଟାଉନ୍, ଜିଲ୍ଲା ବାଲେଶ୍ୱର, ଓଡ଼ିଶା । ତଦନ୍ତରୁ ପ୍ରକାଶ ପାଇଛି ଯେ, ଏହି ତିନି ଜଣ ଅଭିଯୁକ୍ତ ସାଧାରଣ ଲୋକମାନଙ୍କୁ କିଛି ଟଙ୍କାର ଲୋଭ ଦେଖାଇ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଓ ଏଟିଏମ୍ କାର୍ଡ ନେଇଥାନ୍ତି। ପରେ ସେହି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ସାଇବର ଠକେଇରୁ ଆସୁଥିବା ବେନାମୀ ଟଙ୍କାର ଲେଣଦେଣ କରାଯାଉଥିଲା। ଏହି ଅଭିଯୁକ୍ତମାନେ "ସ୍ୱୀଡିଙ୍ଗ ଏକ୍ସଇମ" ନାମରେ ଏକ କମ୍ପାନୀ ଗଠନ କରି ଏହି ଅବୈଧ କାର୍ଯ୍ୟକଳାପ ଚଳାଉଥିବା ପୋଲିସ୍ ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହି କମ୍ପାନୀ ମାଧ୍ୟମରେ ବିଭିନ୍ନ ବେନାମୀ ଆକାଉଣ୍ଟ ବ୍ୟବହାର କରି ବଡ ପରିମାଣର ଅବୈଧ ଟଙ୍କା ନେଣଦେଣ କରାଯାଉଥିଲା। ଏସ୍‌ପି ପୁରୀ ପ୍ରତୀକ ସିଂ ଏହି ଘଟଣାକୁ ସାଇବର ଥାନାକୁ ଉଚିତ୍ ତଦନ୍ତ କରିବା ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କଡା ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁସାରେ ସାଇବର ପୋଲିସ୍ ତଦନ୍ତ ଜୋରଦାର କରି ଏହି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଧରିବାରେ ସଫଳ ହୋଇଛି। ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ଏଟିଏମ୍ କାର୍ଡ ୧୫ଟି, ସିମ୍ କାର୍ଡ ୬ଟି, ମୋବାଇଲ୍ ଫୋନ୍ ୭ଟି, ଚେକ୍ ବୁକ୍ ୭ଟି ଜବତ କରାଯାଇଛି । ଏଥିସହ ଉକ୍ତ ସ୍ୱୀଡିଙ୍ଗ ଏକ୍ସଇମ୍ କମ୍ପାନୀ ସମ୍ବନ୍ଧୀୟ ସମସ୍ତ ଦଲିଲପତ୍ର ମଧ୍ୟ ପୋଲିସ୍ ଦ୍ୱାରା ଜବତ କରାଯାଇଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି କମ୍ପାନୀ ମାଧ୍ୟମରେ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ ଏବଂ ପ୍ରାୟ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅବୈଧ ଆର୍ଥିକ ନେଣଦେଣ କରାଯାଇଥିବା ସନ୍ଦେହ କରାଯାଉଛି । ଏହା ପୂର୍ବରୁ ପୁରୀ ସାଇବର ଥାନାରେ ୭ଟି ବେନାମୀ ଆକାଉଣ୍ଟ ସମ୍ବନ୍ଧୀୟ ମାମଲା ରୁଜୁ ହୋଇଥିଲା। ଏହି ଅଭିଯାନ ପରେ ମୋଟ୍ ୧୦ଟି ବେନାମୀ ଆକାଉଣ୍ଟ ବିରୋଧରେ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ଏହି ମାମଲାର ତଦନ୍ତ ଚାଲୁ ରହିଛି ଏବଂ ଏହା ସହିତ ଜଡିତ ଅନ୍ୟାନ୍ୟ ବ୍ୟକ୍ତି ଓ ନେଟ୍‌ୱର୍କକୁ ଚିହ୍ନଟ କରିବା ପାଇଁ ପୋଲିସ୍ ତଦନ୍ତକୁ ଆହୁରି ବ୍ୟାପକ କରିଛି। ପୁରୀ ପୋଲିସ୍ ସାଧାରଣ ଲୋକଙ୍କୁ ଅନୁରୋଧ କରୁଛି ଯେ, କୌଣସି ଅଜଣା ବ୍ୟକ୍ତିଙ୍କ ଲୋଭରେ ପଡ଼ି ନିଜର ବ୍ୟାଙ୍କ ଆକାଉଣ୍ଟ, ଏଟିଏମ୍ କାର୍ଡ କିମ୍ବା ମୋବାଇଲ୍ ସିମ୍ କାର୍ଡ କାହାକୁ ମଧ୍ୟ ଦିଅନ୍ତୁନାହିଁ। ଏପରି କାର୍ଯ୍ୟରେ ଜଡିତ ହେଲେ ସେଥିରୁ ଆପଣମାନେ ଆଇନ୍‌ଗତ ଜଟିଳତାରେ ପଡ଼ିପାରନ୍ତି। ସାଇବର ଅପରାଧ ବିଷୟରେ ସଚେତନ ରହିବା ସହ କୌଣସି ସନ୍ଦେହଜନକ ଘଟଣା ଦେଖିଲେ ତତ୍‌କ୍ଷଣାତ୍ ପୁରୀ ପୋଲିସ୍ କିମ୍ବା ସାଇବର ଥାନାକୁ ୮୨୮୦୪୯୧୩୦୦ ନମ୍ବର ମୋବାଇଲରେ ସୂଚନା ଦେବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଉଛି।

# ଅଖିଳ ଭାରତ କୃଷକ ସଭା ତରଫରୁ ୭ ଦଫା ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତ କୃଷକ ସଭା ଏ.ଆଇ.କେ.ଏସ୍ କେନ୍ଦ୍ରାପଡା ଜିଲ୍ଲା କମିଟି ତରଫରୁ ଏକ ସାତଦଫା ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ସମସ୍ତ ମଣ୍ଡିଗୁଡିକୁ ସୁବ୍ୟବସ୍ଥିତ କରାଯାଇ ସମସ୍ତ ଚାଷୀଙ୍କ ଠାରୁ ସମସ୍ତ ଧାନ କିଣାଯାଉ। ଟୋକନ୍ ପାଇନଥିବା ତାରିଖ ପଳାଇଥିବା ଭାଗ ଚାଷୀ ଧାନ କିଣାରୁ ମନା କରିବା ବନ୍ଦ ହେଉ। ଅଖାକୁ ଆଗରୁ ନଦେଇ ବର୍ତ୍ତମାନ ଦେବାଦ୍ୱାରା ଯେଉଁ କ୍ଷତି ଚାଷୀ ସହିଛି ତାକୁ ପୂରଣ କରାଯାଉ। ଚାଷୀଙ୍କୁ ଧାନ କ୍ୱିଣ୍ଟାଲ୍ ୩୧୨୯ ଟଙ୍କା ପ୍ରଦାନ କରିବା ସଂଗେ ସଂଗେ ଚାଷୀ ଶୋଷଣ ବନ୍ଦ କରାଯାଉ, ରାଜନଗର ଚାଷୀ ତ୍ରିଲୋଚନ ନାଥଙ୍କୁ କ୍ଷତିପୂରଣ ସହିତ ଜଣଙ୍କୁ ନିଯୁକ୍ତି ଓ ବିଚାର ବିଭାଗୀୟ ତଦନ୍ତ ହେଉ। ଏହି ଦାବିପତ୍ର ପ୍ରଦାନ ସମୟରେ ରମଣୀରଂଜନ ରାଉତରାୟ, ଆଦିକନ୍ଦ ରାଉଳ, ସୁହାନା ବେଗମ୍, ବିକାଶ ଚନ୍ଦ୍ର ବେଉରା, ସୀତାକାନ୍ତ ନାୟକ, କେଦାରନାଥ ସାମନ୍ତରାୟ, ପ୍ରମୋଦ ରାଉତ, ପ୍ରତ୍ୟୁଷ ରଞ୍ଜନ ବେଉରା, ସୋମେନ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପାଞ୍ଚ ବର୍ଷ ବିତିଲା:ମେଗା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ସରୁନି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକରେ ସରୁନି ମେଗା ପାଣି ଟାଙ୍କି ନିର୍ମାଣ । ଆଗକୁ ଆସୁଛି ଗ୍ରୀଷ୍ମଋତୁ ଏବେଠୁ ଶୁଖିବାକୁ ଆରମ୍ଭ ହେଲାଣି ଜଳାଶୟ । ସେପଟେ ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପର ଟ୍ୟାଙ୍କି ନିର୍ମାଣ କାର୍ଯ୍ୟ । ଗାଁ ଗାଁରେ କେବେ ପହଞ୍ଚିବ ବିଶୁଦ୍ଧ ପାଣି ସେ ନେଇ ଚିନ୍ତାରେ ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତବାସୀ । ଦଶମନ୍ତପୁର ପଞ୍ଚାୟତରେ ମୋଟ୍ ୧୪ ୱାର୍ଡ ଥିବାବେଳେ ୩୮ଟି ଗାଁ ରହିଛି । ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି । ହେଲେ ଏହି ପଞ୍ଚାୟତବାସୀଙ୍କୁ ପାଇପ୍ ପାଣି ଯୋଗାଇଦେବା ପାଇଁ ମେଗା ପକ୍ଷରୁ ଟାଙ୍କି ନିର୍ମାଣ ତ ହେଉଛି କିନ୍ତୁ ପାଞ୍ଚ ବର୍ଷ ବିତିଲା ଟାଙ୍କି ନିର୍ମାଣ କାମ ସରୁନି । ବିଭାଗୀୟ ଅଧିକାରୀଙ୍କ ଅବହେଳା କିମ୍ବା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁ ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ କଚ୍ଛପ ଗତିରେ ଚାଲିଛି। ବିଶେଷ କରି ପଞ୍ଚାୟତର ଗିରୀଲପୁଟ, ଗାଡ଼ପୁଟ, ଜାମଯୋଡି, ତୋଟାଗୁଡା ଭଳି ଅନେକ ଗାଁରେ ପାଣି ସମସ୍ୟା ରହିଛି । ମେଗା ପାଣି ପାଇଲେ ସମସ୍ୟା ସମାଧାନ ହେବ କିନ୍ତୁ କାମ ସରୁନି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସରପଞ୍ଚ ଏବଂ ଗ୍ରାମବାସୀ । ସୂଚନା ଥାଉକି, ବୈପାରୀଗୁଡା ବ୍ଲକ ବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଲମତାପୁଟ ରାସ୍ତା ପେଟାଘାଟି ନିକଟରେ ଆରମ୍ଭ ହେଲା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ । ଏହି କାର୍ଯ୍ୟ ଏକ ଘରୋଇ ଠିକା କମ୍ପାନୀ ଦ୍ୱାରା ଗତ ୨୦୨୧ ମସିହାରୁ ଆରମ୍ଭ ହୋଇଥିବା ବେଳେ ସେପ୍ଟେମ୍ବର ୨୦୨୩ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ସହ ଜଳ ଯୋଗାଣ ହେବାରଥିଲା । ଏଥିରେ ୧୮ଟି ପଞ୍ଚାୟତର ୨୮ ହଜାର ୨୫୦ ପରିବାର ଉପକୃତ ହେବେ । ଏଥିପାଇଁ ୧୬୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ନିର୍ମାଣ କାର୍ଯ୍ୟ ଆରମ୍ଭକୁ ପାଞ୍ଚ ବର୍ଷ ବିତିଲା । ଇତିମଧ୍ୟରେ ବ୍ଲକରେ ୧୬ଟି ଟାଙ୍କି ନିର୍ମାଣ କାମ ଶେଷ ହୋଇଥିବା ବେଳେ ହଳଦୀକୁଣ୍ଡ ଏବଂ ଦଶମନ୍ତପୁର ପାଣି ଟାଙ୍କି ଏ ପର୍ଯ୍ୟନ୍ତ କାମ ସରିନି । ଅନ୍ୟ ପଞ୍ଚାୟତ ପାଇଁ ପାଣି ଯାଞ୍ଚ କାମ ଆରମ୍ଭ ହୋଇଯାଇଛି କିନ୍ତୁ ଦଶମନ୍ତପୁର ପଞ୍ଚାୟତବାସୀ କେବେ ପାଣି ପାଇବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି । ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପାଇପ୍ ପାଣି ନମିଳିଲେ ଅଗାମି ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ସରପଞ୍ଚ ଆର. ରୋହିତ କୁମାର ଏବଂ ଗ୍ରାମବାସୀ । ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରଶଂସିତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଫକିର ମୋହନ ବିଶ୍ୱବିଦ୍ୟାଳୟ ଠାରେ ଅସଯୋଜିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଗେମ୍ସ ଏଣ୍ଡ ସ୍ପୋର୍ଟସ୍ ପ୍ରତିଯୋଗିତା ୨୦୨୫-୨୬ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମୁଖ୍ୟ ଖେଳ ବିଭାଗ ଗୁଡିକରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୯ଟି ଖେଳ ଯଥାକ୍ରିକେଟ୍ (ପୁରୁଷ), ଫୁଟବଲ୍ (ପୁରୁଷ ଓ ମହିଳା), ହକି (ପୁରୁଷ ଓ ମହିଳା), ବ୍ୟାଡମିଣ୍ଟନ୍ (ସିଙ୍ଗଲ୍ସ ଓ ଡବଲ୍ସ), କବାଡି (ମହିଳା), ବାସ୍କେଟବଲ୍ (ପୁରୁଷ) ପ୍ରଭୃତି ୯ଟିରେ ସମ୍ବଲପୁର ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ସେଗୁଡିକ ମଧ୍ୟରେ ଚେସ୍, ଟେବୁଲ୍ ଟେନିସ୍ ଓ ଭଲିବଲ୍ (ମହିଳା), କବାଡି (ପୁରୁଷ), ଖୋ-ଖୋ (ମହିଳା) ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସମ୍ବଲପୁରର ଖେଳାଳିମାନେ ସମଗ୍ର ପ୍ରତିଯୋଗିତା ଅବଧିରେ ଶ୍ରେଷ୍ଠ କ୍ରୀଡାଦକ୍ଷତା, ଶୃଙ୍ଖଳାବଦ୍ଧତା ଓ କ୍ରୀଡାସ୍ପୃହା ପ୍ରଦର୍ଶନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମସ୍ତ ପଦକ ତାଲିକାରେ ମୁଖ୍ୟ ଦଳ ଓ ବ୍ୟକ୍ତିଗତ ଖେଳରେ ନିଜ ଦକ୍ଷତା ପ୍ରମାଣିତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର, କୁଳସଚିବ ପ୍ରଦୀପ କୁମାର ନାଏକ ଓ କ୍ରୀଡା ସଚିବ ଦେବେନ୍ଦ୍ର କୁମାର ମହାଳିକ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ କର୍ମକର୍ତ୍ତାମାନଙ୍କୁ ଏହି ଐତିହାସିକ ଓ ସ୍ମରଣୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବ ଜୋନ ଓ ଅଲ୍ ଇଣ୍ଡିଆ ଅନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ମିଳିଥିବା ସଫଳତାକୁ ଅବ୍ୟାହତ ରଖିଛି।

# ବୋରିଗୁମ୍ମା ଟ୍ରାଫିକ୍ ଛକ ନିକଟରେ ଶହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନେଇ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଆଦିବାସୀ ଜାଗରଣ ସଂଘ ତରଫରୁ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରାଯାଇଛି । ଦେଶ ସ୍ୱାଧିନ ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ତେନ୍ତୁଲିଗୁମ୍ମା ଗ୍ରାମରେ ୧୮୯୯ ମସିହାରେ ଶହିଦ ଲକ୍ଷ୍ମଣ ନାୟକ ଜନ୍ମଗ୍ରହଣ କରିଥିଲେ । ଦେଶ ସ୍ୱାଧିନ ପାଇଁ ହସି ହସି ଫାଶି ଖୁଣ୍ଟରେ ଝୁଲିଗଲେ । ସେହି ମହାନ ସ୍ୱାଧିନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ବୋରିଗୁମ୍ମା ଟ୍ରାଫିକ୍ ଛକ ନିକଟରେ ସ୍ଥାପନା କରିବାପାଇଁ ସରକାର ଅନୁମତି ଦେବା ଆଦିବାସୀ ଜାଗରଣ ସଂଘ ସଦସ୍ୟମାନେ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ସେହିପରି ପନିପରିବା ବଜାର ମଣ୍ଡି ପାଇଁ ଅନୁମତି ଦେବା ପାଇଁ ଆଦିବାସୀ ଜାଗରଣ ସଂଘ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଜାଗରଣ ସଂଘର ସଦସ୍ୟମାନେ ଜୟପୁର ଉପ ଜିଲ୍ଲାପାଳଙ୍କ କାଯ୍ୟାଳୟର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି । ବୋରିଗୁମ୍ମା ବ୍ଲକର ଆଦିବାସୀମାନେ ପନିପରିବା ଚାଷ କରି ଜୀବିକା ଉପାର୍ଜନ କରନ୍ତି । କିନ୍ତୁ ଚାଷିମାନେ ପନିପରିବା ଚାଷ କରି ଠିକ୍ ଦରରେ ବିକ୍ରି କରିପାରୁନାହାଁନ୍ତି । ବ୍ୟବସାୟୀମାନେ ବସିରହି କମ୍ ଦରରେ ଚାଷୀଙ୍କ ଠାରୁ କିଣି ଅଧିକାଦରରେ ବିକ୍ରି କରୁଛନ୍ତି । ଫଳରେ ଚାଷୀମାନେ ଆର୍ଥିକ ସ୍ୱାବଲମ୍ବି ହୋଇପାରୁନାହିଁନ୍ତି । ଏହାକୁ ସଂଘ ଚିନ୍ତା କରି ପନିପରିବା ମଣ୍ଡି କରି ଚୀଷୀଙ୍କ ଠାରୁ ଠିକ୍ ଦରରେ କିଣିବା ଏବଂ ଖାଉଟିକୁ ସୁଲଭ ମୂଲ୍ୟରେ ବକ୍ରି କରି ଯୋଗାଇ ଦେବା ପାଇଁ ନିଷ୍ପତି ହୋଇଛି । ଆଦିବାସୀଙ୍କ ଜମି ଉପରେ ବଜାର ମଣ୍ଡି କରି ବକ୍ରି ପଟା କରିବାକୁ ପ୍ରଶାସନ ଅନୁମତି ଦେବାକୁ ଆଇନ୍ ପରାମର୍ଶଦାତା ହରିଶ୍ଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ସଂଘ ସଭାପତି ସତ୍ୟନାରାୟଣ ନାୟକ, ଉପସଭାପତି କମୁଲୁ ଜାନୀ ପ୍ରମୁଖ ଦାବି କରିଛନ୍ତି ।

# ଜଳସ୍ତର ହ୍ରାସ ଓ କର୍ମଚାରୀଙ୍କ ଅଭାବ:ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକର ୩୧ଟି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଚିନ୍ତାର କେନ୍ଦ୍ରବିନ୍ଦୁ ପାଲଟିଛି। ବ୍ଲକରେ ୨୬୭୬ଟି ନଳକୂପ ଓ ୬୦ରୁ ଅଧିକ ସୌର ଜଳ ପ୍ରକଳ୍ପ ଥିଲେ ହେଁ, ରକ୍ଷଣାବେକ୍ଷଣ ଅଭାବରୁ ଅନେକ କାମରେ ଲାଗୁନି। ବସୁଧା ଯୋଜନାରେ ସବୁଆଡ଼େ ପାଇପ୍ ଯୋଗେ ପାଣି ପହଞ୍ଚାଇ ହୋଇନାହିଁ। ଅନେକ ସ୍ଥାନରେ ଉଚ୍ଚ ପାଣି ଟାଙ୍କି ଥିଲେବି ତାହା ଅଚଳ ହୋଇପଡ଼ିଛି। ଆଗକୁ ଖରାର ତାତି ବଢିବାରେ ଲାଗିଚି ପାଣି ପାଇଁ ଲୋକମାନେ ଅନେକ ହଇରାଣ ହେଉଛନ୍ତି। ଅନେକ ଲୋକ ନଳକୂପ ଉପରେ ବି ନିର୍ଭର କରୁଛନ୍ତି। ହେଲେ ବ୍ୟବସ୍ଥାଗତ ତ୍ରୁଟି ସମସ୍ୟା ସମାଧାନ ପରିବର୍ତ୍ତେ ସମସ୍ୟା ବଢାଇ ଦେଉଛି। ବିଭାଗୀୟ କର୍ମଚାରୀଙ୍କ ଅଭାବ ଧାମନଗର ବାସୀଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହୋଇଛି। ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳ ସମସ୍ୟା ବଢିବାରେ ଲାଗିଛି ଏବଂ କର୍ମଚାରୀ ଅଭାବରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ପ୍ରକାଶଥାଉକି ପୂର୍ବରୁ ବ୍ଲକ ପାଇଁ ୧୬ ଜଣ ଫିଟର ଓ ଖଲାସୀ ଥିବାବେଳେ ଏବେ ସେଥିମଧ୍ୟରୁ ୧୧ ଜଣ ଅବସର ନେଇସାରିଛନ୍ତି। ବର୍ତ୍ତମାନ ମାତ୍ର ୫ ଜଣ କାର୍ଯ୍ୟ କରୁଥିବା ବେଳେ ନିକଟରେ ଆଉ ୨ ଜଣ ଅବସର ନେବେ। ଜଣେ ଜଣେ ଫିଟରଙ୍କୁ ୬ ରୁ ୭ ଟି ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି, ଯାହାଫଳରେ ମରାମତି କାମ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ସ୍ଥାୟୀ କର୍ମଚାରୀ ନଥିବାରୁ ଅସ୍ଥାୟୀ 'ସେଲ୍ଫ ଏମ୍ପ୍ଲୟଡ ମେକାନିକ'ଙ୍କ ଭରସାରେ ବିଭାଗ ଚାଲିଛି। ନଦୀ ଶଯ୍ୟା ମାନଙ୍କରେ ବେଆଇନ୍ ବାଲି ଉତ୍ତୋଳନ ଯୋଗୁଁ ନଦୀ ଶୁଖି ଯିବା ସହ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୦୭ ମସିହା ପୂର୍ବରୁ ୩୦ ଫୁଟ୍‌ରେ ପାଣି ମିଳୁଥିବା ବେଳେ ଏବେ ସରକାରୀ ସ୍ତରରେ ୨୧୦ ଫୁଟ୍ ଖୋଳିଲେ ବି ପାଣି ମିଳୁନାହିଁ। ଫଳରେ ଲୋକେ ବ୍ୟକ୍ତିଗତ ଭାବେ ୨୫୦ ଫୁଟରୁ ଅଧିକ ଗଭୀରକୁ ବୋରିଂ କରିବାକୁ ବାଧ୍ୟ ହେଉଛନ୍ତି। ନଳକୂପ ଗୁଡ଼ିକରେ ଲୌହ ଅଂଶ ଅଧିକ ରହୁଥିବାରୁ ଯନ୍ତ୍ରପାତି ଶୀଘ୍ର ଖରାପ ହେଉଛି। ବହୁଳ ବ୍ୟବହାର ଯୋଗୁଁ 'ୱାସର' କଟିଯାଉଛି ଏବଂ ପ୍ଲଞ୍ଜର ଛିଡ଼ିଯାଉଛି। ନଳକୂପ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରପାତି ବିଭାଗ ପାଖରେ ନରହି ପଞ୍ଚାୟତ ସରପଞ୍ଚଙ୍କ ଅଧିନରେ ରହୁଛି। ଅନେକ ସମୟରେ ସରପଞ୍ଚମାନେ ଠିକ୍ ସମୟରେ ସରଞ୍ଜାମ ଯୋଗାଉନଥିବାରୁ ଅଚଳ ନଳକୂପ ସେମିତି ପଡ଼ିରହୁଛି। ଅନ୍ୟପଟେ କିଛି ଫିଟର୍ ଶାସକ ଦଳର ନେତାଙ୍କ ଛତ୍ରଛାୟା ତଳେ ରହି କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ବ୍ଲକର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସରକାର ନୂତନ ନୀତି ପ୍ରଣୟନ କରିବା ସହ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଦେବା ସହ ଯନ୍ତ୍ରପାତି ସିଧାସଳଖ ବିଭାଗ ନିକଟରେ ରଖିବା ଓ ଅଚଳ ପାଣି ଟାଙ୍କିକୁ ସଚଳ କଲେ ପାନୀୟ ଜଳର ସମସ୍ୟା ଦୂର ହୋଇପାରନ୍ତା । ଅପରପକ୍ଷେ ଜୈନିକ ଯନ୍ତ୍ରୀ ଦୀର୍ଘଦିନ ହେବ ଧାମନଗରରେ ରହିବା ଦ୍ୱାରା ସରକାରୀ ଦଳର କିଛି କର୍ମୀଙ୍କ ହାତ ବାରିଶି ସାଜି ପାନୀୟ ଜଳ ସମସ୍ୟାକୁ ଦୂର କରୁନାହାନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟା ଦୂର କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।



# ମା' ବିରଜାଙ୍କ ପୀଠରେ ନୂତନ ପଞ୍ଜିକା ପଠନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଦୋଳପୂର୍ଣ୍ଣିମା ଅବସରରେ ବ୍ୟାସନଗର ସ୍ଥିତ ବିରଜାନଗରରେ ମା' ବିରଜାଙ୍କ ମନ୍ଦିର ପ୍ରାଙ୍ଗଣରେ ୨୦୨୬-୨୭ ବର୍ଷର ନୂତନ ପଞ୍ଜିକା ମନ୍ଦିର ପରିଚାଳନା କମିଟ ସଦସ୍ୟ/ସଦସ୍ୟା ଓ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଯଥା ରୀତି ନୀତି ଅନୁସାରେ ସନ୍ଧ୍ୟା ୭ଟା ସମୟରେ ପଠନ କରାଯାଇ ଓଡ଼ିଆ ମାନଙ୍କର ପରମ୍ପରାକୁ ବଜାୟୀ ରଖାଯାଇଥିଲା । ବିରଜା ମନ୍ଦିର କମିଟିର ବର୍ଷିଆନ ଉପଦେଷ୍ଟା, ବିଶିଷ୍ଟ ସମାଜସେବୀ, ବିଭିନ୍ନ ଧାର୍ମିକ, ଶୈକ୍ଷିକ ଅନୁଷ୍ଠାନର ଉଦ୍ୟୋକ୍ତା, ପରୋପକାରୀ ମିଷ୍ଟଭାଷୀ ସ୍ୱର୍ଗତ ଜିତେନ୍ଦ୍ର କୁମାର ରାଉତଙ୍କ ସ୍ମୃତି ସଭା ସ୍ଥାନୀୟ ଜନସାଧାରଣ ଏବଂ ମନ୍ଦିର ପରିଚାଳନା କମିଟିର ସଭ୍ୟଙ୍କ ଉପସ୍ଥିତିରେ ପାଳନ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଉପଦେଷ୍ଟା ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ , ସହ ସମ୍ପାଦକ ଭାଗ୍ୟଧର ମହାରଣା, ବରିଷ୍ଟ ସଭ୍ୟଦିଲ୍ଲିପ କୁମାର ମହାନ୍ତି, ସ୍ମୃତି ରଂଜନ ପଣ୍ଡା, ପ୍ରକାଶ ଚନ୍ଦ୍ର ସାହୁ, ସୁକାନ୍ତ ମହାନ୍ତି, ସୁବାଷ ରଥ, ସୋନୁ ଉପସ୍ଥିତ ରହି ଗଜି ବାବୁଙ୍କ ସ୍ମୃତିଚାରଣ କରିଥିଲେ । ଶୋକ ସଭାର ଶେଷରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମିତ୍ତ ମା' ବିରଜାଙ୍କ ପାଖର ଏକ ମିନିଟ ନିରିବ ପାର୍ଥନା କରାଯାଇ ସଭାସାଙ୍ଗ କରାଯାଇଥିଲା ।

# ବ୍ରହ୍ମପୁରରେ ଅତିଷ୍ଠ କଲାଣି ଟ୍ରାଫିକ୍ ସମସ୍ୟା:ଭିଡ଼ ଅଣାୟତ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଦକ୍ଷିଣ ଓଡ଼ିଶାର ବାଣିଜ୍ୟିକ ପେଣ୍ଠସ୍ଥଳ ବ୍ରହ୍ମପୁରରେ ଦିନକୁ ଦିନ ଟ୍ରାଫିକ୍ ଯନ୍ତ୍ରଣା ଅସହ୍ୟ ହେବାରେ ଲାଗିଛି । ଏହି ଦୂରବସ୍ଥାକୁ ଏଡ଼ାଇବାକୁ ସରକାରଙ୍କ ପକ୍ଷରୁ ଗେଟ୍ ବଜାର-ଫାଷ୍ଟଗେଟ୍ ଓଭ୍‌ରବ୍ରିଜ୍ ନିର୍ମାଣ କରାଯାଉଛି । ନିର୍ମାଣ ସମୟରେ ଏହାର ବିକଳ୍ପ ବ୍ୟବସ୍ଥା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ କରାଯାଉନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଏବେ ଏହି ରାସ୍ତା କଡ଼ଦେଇ ଲୋକେ ଯିବା ଆସିବା କରୁଛନ୍ତି । ପ୍ରତିଦିନ ସଂଖ୍ୟାଧିକ ଗାଡ଼ି ଯାତାୟାତ କରୁଛି । ଫଳରେ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହେଉଛି । ବହୁ ସମୟରେ ଆମ୍ବୁଲାନ୍ସ ମଧ ଟ୍ରାଫିକ୍‌ରେ ଫସୁଛି । ଲୋକେ ମଧ ଗାଡ଼ିରେ ଯାତାୟାତ କଲାବେଳେ ବିରକ୍ତ ପ୍ରକାଶ କରୁଛନ୍ତି । ତଳେ ଦିନେ ଦିନ ତମାନ୍ ଗେଟ୍ ବଜାର ଇଲାକାରେ ଚକା ଜାମ୍ ପରିସ୍ଥିତି ଦେଖିବାକୁ ମିଳିଥିଲା । ବହୁ ଆମ୍ବୁଲାନ୍ସ ଓ ଚାଳକ ଟ୍ରାଫିକ୍‌ରେ ଫସି ଦୀର୍ଘ ସମୟ ଯାଏଁ ଅଟକି ରହିଥିଲେ । ସୂଚନା ପ୍ରକାରେ ବ୍ରହ୍ମପୁର ସହରକୁ ଅନ୍ୟ ସହର ଓ ଜିଲ୍ଲା ସମେତ ଅଭ୍ୟନ୍ତରିଣ ସହରକୁ ଅନ୍ୟ ସହର ଓ ଜିଲ୍ଲା ସମେତ ଅଭ୍ୟନ୍ତରୀଣ ଅଞ୍ଚଳକୁ ପ୍ରବେଶ କରିବାକୁ ଏହା ପ୍ରମୁଖ ପ୍ରବେଶ ପଥ । ଏହି ରାସ୍ତା ଦେଇ ଗଞ୍ଜାମ ଜିଲ୍ଲାର ଆସିକା, ଭଞ୍ଜନଗର, ଦିଗପହଣ୍ଡି ସମେତ କନ୍ଧମାଳ, ରାୟଗଡ଼ା, କୋରାପୁଟ ଆଦିର ବିଭିନ୍ନ ଇଲାକାରୁ ବସ୍ ଯାତାୟତ କରିଥାଏ । ବସ୍‌ଷ୍ଟାଣ୍ଡରୁ ବାହାରି ଏହି ରାସ୍ତା ଦେଇ ପ୍ରମୁଖ ରାସ୍ତାରେ ପହଞ୍ଚିଥାଏ । ସହରକୁ ବିଭିନ୍ନ ସାହି ଅଞ୍ଚଳକୁ ପ୍ରବେଶ କରିବାକୁ ଗେଟ୍ ବଜାର ପ୍ରମୁଖ ଭୂମିକା ରହିଛି । ଏହି ରାସ୍ତା ଉପରେ ପ୍ରତିଦିନ ଲକ୍ଷାଧିକ ଲୋକ ମଧ୍ୟ ନିର୍ଭର କରନ୍ତି । ବଜାର ଗାଟ କରିବା ଲାଗି ହଜାର ହଜାର ସଂଖ୍ୟାରେ ଲୋକ ଆସିଥାନ୍ତି । ଏଣୁ ଏହି ଇଲାକାରେ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିଲା । ଲୋକଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଓଭର୍‌ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହେଲା । ତେବେ ଏହାର ବିକଳ୍ପ ରାସ୍ତା ପ୍ରଶାସନ ପକ୍ଷରୁ ଆପଣାଯାଇନି । ଏଥିଯୋଗୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକେ ଟ୍ରାଫିକ୍‌ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫସି ରହୁଛନ୍ତି । କେବଳ ଜନସାଧାରଣ ନୁହନ୍ତି ପ୍ରତିଟି ସମୟରେ ଆମ୍ବୁଲାନ୍ସ ଗୁଡ଼ିକ ମଧ୍ୟ ଫସୁଛି । ସହରର ଗେଟ୍‌ବଜାର ସମେତ ସିଟି ହସ୍ପିଟାଲ୍ ଆଦି ସ୍ଥାନର ମଧ୍ୟ ଭାଗରେ ଓଭର୍‌ବ୍ରିଜ୍ କାମ ଲାଗିଛି । ଫଳରେ ଦୁଇକଡ଼ ଦେଇ ଲୋକେ ଯିବା ଆସିବା କରିବା ସହ ଦୁଇ ଚକିଆ, ଚାରି ଚକିଆ ଆଦି ସମସ୍ତ ଯାନବାହନ ଯାଉଛି । ଏହି କଡ଼ ରାସ୍ତା ମଧ୍ୟ ଖାଲ ଖମାରେ ଭର୍ତ୍ତି ହୋଇ ରହିଛି । ବହୁ ସମୟରେ ଦୁର୍ଘଟଣା ବି ଘଟୁଛି । ଅପରପକ୍ଷେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ଓ ସିଟି ହସ୍ପିଟାଲ୍‌କୁ ଯିବା ଲୋକେ ଏହି ରାସ୍ତା ଦେଇ ଲୋକ ଆସନ୍ତି । କିନ୍ତୁ ଓଭର୍‌ବ୍ରିଜ୍ ଟ୍ରାଫିକ୍ ସମସ୍ୟା ଯୋଗୁ ଅନେକଙ୍କ ଜୀବନରେ ଅକାଳରେ ଚାଲି ଯାଉଥିବା ଅଭିଯୋଗ ହୋଇଛି । ତେବେ ଏହି ରାସ୍ତାର ବିକଳ୍ପ ଭାବେ ଅନ୍ୟ ଏକ ରାସ୍ତା ଆପଣାଇବାକୁ ପ୍ରଶାସନ ସ୍ୱୀକୃତ କରିବାକୁ ସାଧାରଣରେ ଦାବି ହୋଇଛି । ଅପରପକ୍ଷେ ସହରକୁ ପ୍ରବେଶ କରୁଥିବା ବସ୍‌ଗୁଡ଼ିକ ପାଇଁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ୍ କାର୍ଯ୍ୟକାରୀ କରିବା ଲାଗି ପ୍ରଶାସନ ପକ୍ଷରୁ ବେଶ୍ ଉଦ୍ୟମ କରାଯାଇଛି । ଏହା କାର୍ଯ୍ୟକାରୀ ହେବା ଫଳରେ ଅନେକ ଟ୍ରାଫିକ୍ ସମସ୍ୟା ଦୂର ହେବ ବୋଲି କୁହାଯାଉଛି ।

# ନିମ୍ନମାନର ପୋଲ ନିର୍ମାଣ କାର୍ଯ୍ୟକୁ ନେଇ ଅସନ୍ତୋଷ ବଢୁଛି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ କୃଷିର ଉନ୍ନତି ପାଇଁ ନଦୀବନ୍ଧ ନିର୍ମାଣ କରାଯାଇ ଚାଷ ଜମିକୁ ଜଳସେଚନ କରାଯିବା ଲକ୍ଷ୍ୟ ରଖି ଚମ୍ପୁଆ ଉପଖଣ୍ଡସ୍ଥ ଯୋଡା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁର ଠାରେ ବୈତରଣୀ ନଦୀ ଉପରେ କାନପୁର ବୃହତ୍ ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ତେବେ ଏହି କାନପୁର ନଦୀ ବନ୍ଧ ପ୍ରକଳ୍ପ ନାମରେ ହେଉଥିବା କେନାଲ କାମରେ ଚଞ୍ଚକତା କରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାର ସଲାସୁତରାରେ ନିମ୍ନମାନର କାମ କରି ମାଲେମାଲ ହେଉଥିଲେ ମଧ୍ୟ ବିଭାଗ କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଫଳରେ ନିର୍ମାଣ କରାଯାଉଥିବା ନିମ୍ନମାନର କେନାଲ ଓ କେନାଲ ପୋଲ ଗୁଡିକର ସ୍ଥାୟିତ୍ୱକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଫୁଟବଲ ପଡିଆ। ଏଠାରେ ପଡିଆ ସମ୍ମୁଖରେ ଏକ ଶାଖା କେନାଲ କାର୍ଯ୍ୟ ଚାଲିଥିବା ବେଳେ ପଡିଆ ଭିତରକୁ ପ୍ରବେଶ କରିବା ପାଇଁ ଏକ ପୋଲର ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ପୋଲ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି। ପୋଲ ପାଇଁ ବେସ୍ ତିଆରି ନକରି କିମ୍ବା କୌଣସି ପିଲର, ବିମ୍ ନଦେଇ କେନାଲ କାନ୍ଥ ଉପରେ ସିଧାସଳଖ ପୋଲ ଛାତ ଢଳେଇ କରାଯାଉଛି। କେନାଲ କାର୍ଯ୍ୟ ପାଇଁ ସରକାର ସ୍ୱତନ୍ତ୍ର ବାଲି ବ୍ୟବସ୍ଥା କରିଥିବା ବେଳେ ଏଠି ନିମ୍ନମାନର ବାଲିରେ ଢଳେଇ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ତା' ସହିତ ଏହି ପୋଲ ନିର୍ମାଣ କାର୍ଯ୍ୟ କେବଳ ମିସ୍ତ୍ରୀ ମାନଙ୍କ ଭରସାରେ ଛାଡିଦେଇ କାର୍ଯ୍ୟ ସମୟରେ କୌଣସି ଅଧିକାରୀ କିମ୍ବା ସୁପରଭାଇଜର ରହୁନଥିବାରୁ ଏହାର ସ୍ଥାୟୀତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଖେଳ ପଡିଆରେ କୌଣସି ସରକାରୀ, ବେସରକାରୀ କ୍ରୀଡ଼ା କାର୍ଯ୍ୟକ୍ରମ ସମୟରେ ଛୋଟ ବଡ଼ ଚାରି ଚକିଆ ଯାନ ପ୍ରବେଶ କରିବାଟା ସ୍ୱାଭାବିକ ହୋଇଥିବା ବେଳେ ବିନା ପିଲର ବେସ୍‌ରେ ନିର୍ମାଣ କରାଯାଉଥିବା ଏହି ପୋଲ କେତେ ଦିନ ଓଜନ ସମ୍ଭାଳିବ ତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ପାଲଟିଛି। ଯାହାକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ତେଣୁ ଏଥିପ୍ରତି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଦିନିକିଆରୁ ଅବସର ନେଲେ ନ୍ୟୁଜିଲାଣ୍ଡର ଫାଷ୍ଟ ବୋଲର ଲିଆ ଟାହୁହୁ



**ୱେଲିଂଟନ**

ନ୍ୟୁଜିଲାଣ୍ଡର ଭେଟେରାନ ଫାଷ୍ଟ ବୋଲର ଲିଆ ଟାହୁହୁ ରବିବାର ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଫଳରେ ୩୫ ବର୍ଷୀୟାଙ୍କ ଦୀର୍ଘ ୧୫ ବର୍ଷ କ୍ୟାରିୟରର ଅନ୍ତ ଘଟିଛି। ସେ ନ୍ୟୁଜିଲାଣ୍ଡ ଅନ୍ତର୍ଜାତୀୟ ମହିଳା ଦିନିକିଆ ଦଳ ତରଫରୁ ୧୦୩ ମ୍ୟାଚ ଖେଳି ୧୨୫ ଉଇକେଟ ଅକ୍ତିଆର କରିଛନ୍ତି। ସେ ୨୦୧୧ ଜୁନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ଟାହୁହୁ ଚାରୋଟି ଦିନିକିଆ ବିଶ୍ୱକପ୍ (୨୦୧୩, ୨୦୧୭, ୨୦୨୨ ଓ ୨୦୨୫) ଖେଳିଛନ୍ତି।

ନ୍ୟୁଜିଲାଣ୍ଡ ପକ୍ଷରୁ ସେ ତାଙ୍କର ଶେଷ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଗତବର୍ଷ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଟାହୁହୁ କେବଳ ବିଶ୍ୱକପ୍‌ରେ ୩୬ ଉଇକେଟ ଅକ୍ତିଆର କରିଥିଲେ, ଯାହାକି ନ୍ୟୁଜିଲାଣ୍ଡ ପାଇଁ ଏକ ରେକର୍ଡ ଏବଂ ଏହା ତାଙ୍କୁ ସର୍ବକାଳୀନ ତାଲିକାରେ ୯ମ ସ୍ଥାନରେ ରଖିଛି।

# ମାର୍ଚ୍ଚ ୨୮ରୁ ଆଇପିଏଲ ଆରମ୍ଭ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଟାଟା ଆଇପିଏଲ-୨୦୨୬ ପାଇଁ ତାରିଖ ସ୍ଥିର କରିଛି। ଆଗାମୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ ସିଜିନ୍ ଆନୁଷ୍ଠାନିକ ଭାବରେ ମାର୍ଚ୍ଚ ୨୮ରେ ଆରମ୍ଭ ହେବବୋଲି ପ୍ରସାରକ ଷ୍ଟାର ସ୍ପୋର୍ଟସ୍ ରବିବାର ନିଶ୍ଚିତ କରିଛନ୍ତି। ନ୍ୟୁଜିଲାଣ୍ଡ ବିରୋଧରେ ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୬ ଫାଇନାଲ୍ ମ୍ୟାଚ ପୂର୍ବରୁ ଏହି ଆନୁଷ୍ଠାନିକ ଘୋଷଣା ହୋଇଛି।

# ପିଙ୍କ୍ ବଲ୍ ଟେଷ୍ଟରେ ୧୦ ୱିକେଟରେ ଭାରତକୁ ହରାଇଲା ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ**

ଭାରତ ବନାମ ନ୍ୟୁଜିଲାଣ୍ଡ ମଧ୍ୟରେ ଟି-ଟ୍ୱେଣ୍ଟି ବିଶ୍ୱକପ ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌କୁ ନେଇ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ଏହାରି ଭିତରେ ଏକ ନିରାଶ କରିବା ପରି ଖବର ଆସିଛି। ମହିଳା ଭାରତୀୟ ଦଳ ଅଷ୍ଟ୍ରେଲିଆଠୁ ପରାସ୍ତ ହୋଇଛି। ଭାରତୀୟ ମହିଳା କ୍ରିକେଟ ଟିମ୍ ଅଷ୍ଟ୍ରେଲିଆ ଗସ୍ତରେ ଦିନିକିଆ ପରେ ଟେଷ୍ଟ ସିରିଜରେ ପରାସ୍ତ ହୋଇଛି। ପର୍ଥର ପଶ୍ଚିମ ଅଷ୍ଟ୍ରେଲିଆ କ୍ରିକେଟ୍ ଆସୋସିଏସନ୍ ଗ୍ରାଉଣ୍ଡ (ଡବ୍ଲୁଏସିଏ)ରେ ଖେଳାଯାଇଥିବା ଦିବା-ରାତ୍ର ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ମହିଳା ଦଳ ସହଜରେ ଜିତିଛି। ଭାରତୀୟ ମହିଳା ଦଳ ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଯାହା ଫଳରେ ବହୁ-ଫର୍ମାଟ୍ ସିରିଜ୍ ହାରିଛି। ଭାରତୀୟ ମହିଳା ଦଳ ଏହି ମ୍ୟାଚ୍‌ରେ ୩ଦିନ ବି ଟିକି ପାରିନଥିଲା। ଅଷ୍ଟ୍ରେଲିଆ ତୃତୀୟ ଦିନର ପ୍ରଥମ ସେସନରେ ୧୦ ୱିକେଟରେ ବାଜି ମାରି ନେଇଛି।

ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ସେସନରୁ ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଘରୋଇ ଦଳ। ଭାରତୀୟ ଦଳ ପ୍ରଥମ ଇନିଂସରେ ୬୨.୪ ଓଭରରେ ୧୯୮ ରନ୍ କରି



ଅଲଆଉଟ୍ ହୋଇଥିଲା। ଜେମିମା ରଡ୍ରିଗ୍ସ ଅର୍ଦ୍ଧଶତକ ହାସଲ କରିଥିଲେ, କିନ୍ତୁ ଅନ୍ୟ ବ୍ୟାଟର ବିଫଳ ହୋଇଥିଲେ। କେହି ଅଧିକ ସମୟ ଟିକି ପାରିନଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ ସଦରଲ୍ୟାଣ୍ଡ ସର୍ବାଧିକ ୪ ୱିକେଟ୍ ନେଇଥିଲେ। ଜବାବରେ, ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୨୩ ରନ୍ କରିଥିଲା, ଯାହା ଫଳରେ ସେମାନଙ୍କୁ ୧୨୫ ରନ୍‌ର ଦୃଢ଼ ଲିଡ୍ ମିଳିଥିଲା। ବୋଲିଂ ପରେ ଆନାବେଲ ସଦରଲାଣ୍ଡ ମଧ୍ୟ ବ୍ୟାଟ୍‌ରେ ଚମତ୍କାର ପ୍ରଦର୍ଶନ କରି ଶତକ ହାସଲ କରିଥିଲେ ଏବଂ ୧୨୯ ରନ କରିଥିଲେ। ଏଲିସା ପେରି ମଧ୍ୟ ୭୬ ରନ କରି ମହିଳା ଟେଷ୍ଟରେ ଅଷ୍ଟ୍ରେଲିଆର ସର୍ବାଧିକ ରନ ସ୍କୋରର ହୋଇଛନ୍ତି। ଭାରତର ସାୟାଲି ସତଘରେ ଡେବ୍ୟୁରେ ୪ଟି ୱିକେଟ ନେଇଥିଲେ, କିନ୍ତୁ ଅଷ୍ଟ୍ରେଲିଆକୁ ଏକ ବଡ଼ ସ୍କୋର କରିବାରୁ ରୋକିପାରି ନଥିଲେ।

ଦ୍ୱିତୀୟ ଇନିଂସରେ ମଧ୍ୟ ଭାରତୀୟ ଦଳ ବିଫଳ ହୋଇଥିଲା। ସ୍ମୃତି ମନ୍ଧାନା ଏବଂ ଶେଫାଳି ବର୍ମା ଶୀଘ୍ର ଆଉଟ୍ ହୋଇଥିଲେ। ସଦରଲ୍ୟାଣ୍ଡ ଏବଂ ଡେବ୍ୟୁଟାଣ୍ଟ ଲୁସି ହାମିଲଟନ ମିଳିତ ଭାବରେ ଟପ୍ ଅର୍ଡରକୁ ଭାଙ୍ଗି ଦେଇଥିଲେ, ଯାହା ଫଳରେ ଭାରତ ଏହି ଇନିଂସରେ ମଧ୍ୟ ୧୪୯ ରନରେ ଅଲଆଉଟ୍ ହୋଇଥିଲା। ପ୍ରତୀକା ରାୱଲଙ୍କ ଲଢୁଆ ୬୩ ରନ ଯୋଗୁଁ ଦଳ ଏହି ସ୍କୋର ହାସଲ କରିଥିଲା, ଯାହା ଅଷ୍ଟ୍ରେଲିଆକୁ ୨୫ ରନର ଟାର୍ଗେଟ ଦେଇଥିଲା, ଯାହାକୁ ଅଷ୍ଟ୍ରେଲିଆ ୪.୩ ଓଭରରେ ୱିକେଟ ନ ହରାଇ ହାସଲ କରିଥିଲା।

ଭାରତ ବିପକ୍ଷରେ ଡେ-ନାଇଟ୍ ଟେଷ୍ଟକୁ ୧୦ ୱିକେଟରେ ଜିତିଛି ଅଷ୍ଟ୍ରେଲିଆ। ଏହା ସହିତ ଅଷ୍ଟ୍ରେଲିଆ ଦଳ ଅଧିନାୟିକା ଏଲିସା ହିଲିଙ୍କ କ୍ୟାରିୟର ଅନ୍ତ ଅଛି। ଏହି ସିରିଜ୍ ପୂର୍ବରୁ ଅବସର ଘୋଷଣା କରିଥିଲେ ଏଲିସା ହିଲି। ଏହା ତାଙ୍କର ଶେଷ ମ୍ୟାଚ୍ ହୋଇଥିବାରୁ ତାଙ୍କ ସାଥୀ ଖେଳାଳି କାନ୍ଧରେ ବସାଇ ପର୍ଥ ଷ୍ଟାଡିୟମ ପରିକ୍ରମା କରି ବିଦାୟ ଦେଇଛନ୍ତି। ସାଥୀ ଖେଳାଳିଙ୍କ ସହ ଏଲିସା ହିଲି ଭାବୁକ ହୋଇଥିଲା ଦେଖିବାକୁ ମିଳିଛି।

ଅଷ୍ଟ୍ରେଲିଆ ୫-୨ରେ ସିରିଜ ଜିତିଲା- ଏହା ଏକ ମଲ୍ଟି-ଫର୍ମାଟ ସିରିଜ୍ ଥିଲା। ଯେଉଁଥିରେ ୩ଟି ଟି-୨୦, ୩ଦିନିକିଆ ଏବଂ ଗୋଟିଏ ଟେଷ୍ଟ ମ୍ୟାଚ୍ ଥିଲା। ଭାରତ ଟି-୨୦ ସିରିଜ୍ ୨-୧ ରେ ଜିତି ଆଗୁଆ ହୋଇଥିଲା। ଏହା ପରେ ଅଷ୍ଟ୍ରେଲିଆ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ସେମାନେ ପ୍ରଥମେ ଏକଦିବସୀୟ ସିରିଜ୍ ୩-୦ରେ ଜିତିଥିଲେ ଏବଂ ତା'ପରେ ଟେଷ୍ଟ ମ୍ୟାଚ୍ ଜିତି ସିରିଜ୍ ୫-୨ରେ କବଜା କରିଛି।

# ଆଇଟିଏଫ : ଅଙ୍କିତାଙ୍କୁ ହରାଇଲେ ବୈଷ୍ଣବୀ

**କାଲାବୁରାଗି**



ନିଜଠୁ ୧୨ ବର୍ଷ ବଡ଼ ଅଙ୍କିତା ରାଇନାଙ୍କୁ ହରାଇ ଡବ୍ଲୁ୩୫ ଆଇଟିଏଫ୍ ଟ୍ରଫି ହାତେଇଛନ୍ତି ବୈଷ୍ଣବୀ ଅଦ୍‌କର। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ବଡ଼ ଟ୍ରଫି। ରବିବାର ଦୁଇ ଭାରତୀୟ ମଧ୍ୟରେ ଖେଳାଯାଇଥିବା ଫାଇନାଲ୍‌ରେ ବୈଷ୍ଣବୀ ୭-୬, ୬-୪ ସେଟ୍‌ରେ ୩୩ ବର୍ଷୀୟା ଅଙ୍କିତା ରାଇନାଙ୍କୁ ପରାସ୍ତ କରିଥିଲେ।

୨ ଘଣ୍ଟା ୧୪ ମିନିଟ୍ ଧରି ଚାଲିଥିବା ଏହି ମ୍ୟାଚ୍‌ର ପ୍ରଥମ ସେଟ୍‌କୁ ଟାଇବ୍ରେକରରେ ବୈଷ୍ଣବୀ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍ ସଂଘର୍ଷ ହୋଇଥିଲେ ମଧ୍ୟ ବୈଷ୍ଣବୀ ୬-୪ ସେଟ୍‌ରେ ଜିତି ଟ୍ରଫି କରାୟତ୍ତ କରିଥିଲେ। ଏହି ବିଜୟ ସହ ବିଶ୍ୱର ୪୬୪ ନମ୍ବର ବୈଷ୍ଣବୀ ୩୫ ର୍‍ୟାଙ୍କିଂ ପଏଣ୍ଟ କରାୟତ୍ତ କରିବା ସହ ୩୦,୦୦୦ ଡଲାର ଅର୍ଥାତ୍ ପ୍ରାୟ ୨୭.୫ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଛନ୍ତି। ଉଭୟ ବୈଷ୍ଣବୀ ଓ ଅଙ୍କିତା ଆଗାମୀ ବିଲି ଜିନ୍ କିଙ୍ଗ୍ କପ୍ ଏସିଆ-ଓସେନିଆ ପ୍ରତିଯୋଗିତା ଲାଗି ଘୋଷିତ ଭାରତୀୟ ଦଳରେ ରହିଛନ୍ତି।

# ମ୍ୟାଚ୍ ବେଳେ ମୁଣ୍ଡରେ ବାଜିଲା ବଲ୍ : ଗୁରୁତର ଅବସ୍ଥାରେ ହସ୍ପିଟାଲ ଗଲେ ଦକ୍ଷିଣଆଫ୍ରିକାର ମହିଳା କ୍ରିକେଟର

**ନୂଆଦିଲ୍ଲୀ**

ଜିମ୍ବାୱେ ମହିଳା ଦଳ ବର୍ତ୍ତମାନ ନ୍ୟୁଜିଲାଣ୍ଡ ଗସ୍ତରେ ଅଛି। ଏହି ଗସ୍ତ ଟି-୨୦ ସିରିଜ୍ ସହିତ ଆରମ୍ଭ ହୋଇଥିଲା ଏବଂ ଏବେ ଦିନିକିଆ ସିରିଜ ପାଇଁ ଚାଲିଛି। ନ୍ୟୁଜିଲାଣ୍ଡ ଦ୍ୱିତୀୟ ମ୍ୟାଚ୍ ୮ ୱିକେଟରେ ଜିତି ୨-୦ରେ ଅପ୍ରତିଦ୍ୱନ୍ଦ୍ୱୀ ଅଗ୍ରଣୀ ହାସଲ କରିଛି। ତଥାପି, ମ୍ୟାଚ୍ ସମୟରେ ଜିମ୍ବାୱେ ମହିଳା ଦଳକୁ ଏକ ବଡ଼ ଝଟକା ଲାଗିଥିଲା। ଜିମ୍ବାୱେର ଓପନର କେଲିସ୍ ନଧଲୋଭୁ ବ୍ୟାଟିଂ କରୁଥିବା ସମୟରେ ଗୁରୁତର ଆହତ ହୋଇଥିଲେ ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନେବାକୁ ପଡ଼ିଥିଲା।

ଡୁନେଡିନର ୟୁନିଭର୍ସିଟି ଓଭାଲରେ ଖେଳାଯାଇଥିବା ମ୍ୟାଚରେ, ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ବ୍ରି ଏଲିଙ୍ଗଙ୍କ ଏକ ଦ୍ରୁତ ବାଉନ୍ସର ବଲ୍ ତାଙ୍କ ହେଲମେଟର ସାଇଡରେ ମାଡ ହୋଇଥିଲା, ଫଳରେ କେଲିସ୍ ଗୁରୁତର ଆହତ ହୋଇଥିଲେ। ଘଟଣାଟି ମ୍ୟାଚ୍ର ଆରମ୍ଭରୁ ଘଟିଥିଲା। କେଲିସ୍ ମୋଡେଷ୍ଟର ମୁପାଚିକୱାଙ୍କ ସହିତ ଇନିଂସ ଓପନ କରୁଥିଲେ ଏବଂ ଦୁହେଁ ୨୫ ରନର ପାର୍ଟନରସିପ୍ କରିଥିଲେ। ବାଉନ୍ସରକୁ ଡକ୍ କରିବାକୁ ଚେଷ୍ଟା କରିବା ସମୟରେ, ବଲ୍ ତାଙ୍କ ହେଲମେଟରେ ବାଜିଲା, ଯାହା ଫଳରେ ସେ ତଳେ ପଡିଯାଇଥିଲେ।

ଡାକ୍ତରୀ ଦଳ ତୁରନ୍ତ ପଡ଼ିଆରେ ଚିକିତ୍ସା ଆରମ୍ଭ କରିଥିଲେ, ଏବଂ



ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କର ସ୍କାନ କରାଯାଇଥିଲା। ଜିମ୍ବାୱେ କୋଚ୍ କେଟ୍ ଇବ୍ରାହିମ ପରେ ଅପଡେଟ୍ ଦେଇ କହିଥିଲେ, କେଲିସ୍ ସ୍ଥିତିରେ ଉନ୍ନତି କରୁଛନ୍ତି। ସେ ସ୍କାନ ଫଳାଫଳକୁ ଅପେକ୍ଷା କରିଛନ୍ତି।

ଉଲ୍ଲେଖନୀୟ ଯେ, ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରୁଥିବା ଜିମ୍ବାୱେ ମାତ୍ର ୨୯.୧ ଓଭର ଖେଳି ୧୦୨ ରନ୍ରେ ଅଲଆଉଟ୍ ହୋଇଯାଇଥିଲା। ନ୍ୟୁଜିଲାଣ୍ଡର ଅଧିନାୟିକା ଆମେଲିଆ କେର ଚମତ୍କାର ପ୍ରଦର୍ଶନ କରି ୭ ୱିକେଟ୍ ନେଇଥିଲେ, ଯାହା ସେମାନଙ୍କୁ ମ୍ୟାଚ୍ ଜିତିବାରେ ସାହାଯ୍ୟ କରିଥିଲା। ନ୍ୟୁଜିଲାଣ୍ଡର ୧୬.୨ ଓଭରରେ ମାତ୍ର ୨ ୱିକେଟ୍ ହରାଇ ଏହି ଲକ୍ଷ୍ୟ ହାସଲ କରିଥିଲେ। ସିରିଜ ଶେଷ ମ୍ୟାଚ୍ ୧୧ ମାର୍ଚ୍ଚରେ ଖେଳାଯିବ।

# ପୁରୁଷ ବିଶ୍ୱକପ୍ ହକି ପାଇଁ ଯୋଗ୍ୟତା ଅର୍ଜନ କଲେ ପାକିସ୍ତାନ, ଇଂଲଣ୍ଡ

**ଇସ୍‌ମାଲିଆ**

ଚଳିତ ବର୍ଷ ବେଲଜିୟମ୍ ଓ ନେଦରଲାଣ୍ଡସ୍‌ରେ ହେବାକୁ ଥିବା ପୁରୁଷ ବିଶ୍ୱକପ୍ ହକି ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ପାକିସ୍ତାନ ଓ ଇଂଲଣ୍ଡ୍। ଏହା ସହିତ ବିଶ୍ୱକପର ୧୬ଟି ଦଳ ମଧ୍ୟରୁ ୧୧ଟି ନିଶ୍ଚିତ ହୋଇଯାଇଛି। ଇଂଲଣ୍ଡ ମାଲେସିଆକୁ ୭-୧ରେ ଓ ପାକିସ୍ତାନ ଜାପାନକୁ ୪-୩ରେ ପରାସ୍ତ କରିବା ପରେ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଛନ୍ତି।

ସେହିପରି ପୂର୍ବରୁ ଭାରତ, ଅଷ୍ଟ୍ରେଲିଆ, ନେଦରଲାଣ୍ଡସ୍, ବେଲଜିୟମ, ସ୍ପେନ, ଆର୍ଜେଣ୍ଟିନା, ଜର୍ମାନୀ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍‌ରେ ନିଜର ସ୍ଥାନ



ନିଶ୍ଚିତ କରିସାରିଛନ୍ତି। ଗତ ବର୍ଷ ଅନୁଷ୍ଠିତ ଏସିଆ କପ୍ ଜିତିବା ପରେ ଭାରତୀୟ ପୁରୁଷ ହକି ଦଳ ସିଧାସଳଖ ଏହି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

୮ରୁ ଭାରତୀୟ ମହିଳା ହକି ଦଳର ଯୋଗ୍ୟତା ଅଭିଯାନ ଅନ୍ୟପକ୍ଷରେ ମହିଳା ବିଶ୍ୱକପ୍ ନିମନ୍ତେ ଯୋଗ୍ୟତା ହାସଲ ପାଇଁ ରବିବାରଠାରୁ ଅଭିଯାନ ଆରମ୍ଭ କରିଛି ଭାରତୀୟ ଦଳ। ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ମାର୍ଚ୍ଚ ୮ରୁ ୧୪ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପ୍ରଥମ ତିନୋଟି ସ୍ଥାନ ହାସଲ କରୁଥିବା ଦଳକୁ ବିଶ୍ୱକପ୍ ସୁଯୋଗ ମିଳିବ। ଏହି ତିନୋଟି ସ୍ଥାନ ପାଇଁ ଭାରତ, ଇଂଲଣ୍ଡ, ଇଟାଲି, କୋରିଆ, ଅଷ୍ଟ୍ରିଆ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ମଧ୍ୟରେ ପ୍ରତିଯୋଗିତା ହେବ। ରବିବାର ନିଜର ପ୍ରଥମ ମ୍ୟାଚ୍‌ରେ ଉରୁଗୁଏକୁ ଭେଟିଥିଲା ଭାରତ। ଏହି ବିଶ୍ୱକପ୍ ଲାଗି ଆଉ ଏକ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଏବେ ଚିଲିର ସାଣ୍ଟିଆଗୋଠାରେ ଚାଲିଛି। ଏହି ପ୍ରତିଯୋଗିତାର ପ୍ରଥମ ତିନୋଟି ଦଳକୁ ବିଶ୍ୱକପ ସୁଯୋଗ ମିଳିବ।

# ମା' ତାରାତାରିଣୀଙ୍କ ଚୈତ୍ରଯାତ୍ରାରେ ବଳି ପକାଇଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

**ପୁରୁଷୋତ୍ତମପୁର, ନ୍ୟୁଜ୍‌ବ୍ୟୁରୋ**

ଚଳିତବର୍ଷ ମାର୍ଚ୍ଚ ୧୦ରୁ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଆରମ୍ଭ ହେବ। ଏନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପୌରୋହିତ୍ୟରେ ଶୁକ୍ରବାର ରାତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଶୋୟୀ, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ଦାଶ ଉପସ୍ଥିତ ରହି ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ମାସର ୪ଟି ମଙ୍ଗଳବାର ୧୦, ୧୭, ୨୪ ଏବଂ ୩୧ ତାରିଖ



ପଡୁଛି। ଏହି ଚୈତ୍ର ଯାତ୍ରା ମହାଆଡମ୍ବରରେ ହେବ। ଚଳିତ ବର୍ଷ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଗତବର୍ଷ ତୁଳନାରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ତଥା ମାନସିକଧାରୀଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଇନ ଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା, ଆଲୋକିକରଣ, ପାନୀୟ ଜଳ ଯୋଗାଣ, ମୁଣ୍ଡନ, ମୋବାଇଲ ଟଏଲଟ ବ୍ୟବସ୍ଥା କରିବା, ଦୀପଷ୍ଟାଣ୍ଡ କରିବା, ପାହାଡ଼ ଉପରକୁ ଯାତାୟାତ ଲାଗି ଅଧିକ ବସ୍ ନିୟୋଜିତ କରିବା, ତୋରଣ, ପରିମଳ, ଅଗ୍ନିଶମ ନିର୍ବାପକ, ପ୍ରାଥମିକ ଚିକିତ୍ସା ଓ ଆମ୍ବୁଲାନ୍ସ ବ୍ୟବସ୍ଥା ଭଜନ ସମାରୋହ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ମଦ ଓ ନିଶା କାରବାର ବନ୍ଦକରିବା, ପାହାଡ଼ତଳେ ବିଭିନ୍ନ ସ୍ଥାନରେ ବଳି ପକାଯାଉଥିବାରୁ ଏହି ବଳିପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ନକଲି ଘିଅ ବିକ୍ରି ବନ୍ଦ କରିବା ଲାଗି ମନ୍ତ୍ରୀ ଗୁରୁତ୍ୱାରୋପ କରି ଏହା ନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲା ପରିବହନ ଅଧିକାରୀ ଦେବାଶିଷ ସ୍ୱାଇଁ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ବିଡ଼ିଓ ଶରତ ପାତ୍ର, ଏସ୍‌ଡିପିଓ ସୁଜିତ ନାୟକ, ଆଇଆଇସି କୁଳମଣି ସେଠୀ, ମନ୍ଦିର ଉନ୍ନୟନ ପରିଷଦ ସଂପାଦକ ପ୍ରମୋଦ ପଣ୍ଡା, ବରିଷ୍ଠ ସେବାୟତ ବାପୁଜୀ ରଣା ଓ ଅନ୍ୟମାନେ ଉପସ୍ଥିତଥିଲେ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଆଠଗଡ, ନ୍ୟୁଜ୍‌ବ୍ୟୁରୋ**

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଧୁରୁଷିଆ ଗ୍ରାମ ପଞ୍ଚାୟତ ହାଇସ୍କୁଲ୍ ପଡ଼ିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫେରୋ ଆଲଏଜ୍ ଓ ପାୱାର ପ୍ଲାଣ୍ଟ ପାରିପାର୍ଶ୍ୱ ଗ୍ରାମଗୁଡ଼ିକରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ମହିଳା ସଶକ୍ତିକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ମହିଳାଙ୍କୁ ନେଇ ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତା ଯେପରିକି ସ୍ୱାଦିଷ୍ଟ ପିଠା ପ୍ରସ୍ତୁତି, ବିଜିନେସ ଆଇଡିଆ ଓ ରଙ୍ଗୋଲି ପ୍ରତିଯୋଗିତା ଆଦିର ବିଜେତା ମାନଙ୍କୁ ଏହି ଅବସରରେ ପୁରସ୍କାର ଦେଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ଡେପୁଟି କଲେକ୍ଟର ସୁଶ୍ରୀ ଦିପମ ରାଉତ ଯୋଗଦେଇ ମହିଳା ମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ, ସେ ନେଇ



ନିଜର ମତ ରଖିଥିଲେ। ଆଠଗଡ଼ ସ୍ଥିତ ଟାଟା ଷ୍ଟିଲ ଫେରୋ ଆଲଏଜ୍ ପ୍ଲାଣ୍ଟର ମୁଖ୍ୟ ନତାଶା ଝା ଅତିଥି ଭାବେ ଯୋଗଦେଇ ସାମାଜିକ ସ୍ତରରେ ମହିଳା ମାନେ ନେଉଥିବା ନେତୃତ୍ୱର ପ୍ରଶଂସା କରିବା ସହ ସେମାନେ କିପରି ଆହୁରି ଆଗକୁ ଯିବେ ସେ ନେଇ ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦତ୍ତୋପନ୍ତ ଥେଂଗଡି ନ୍ୟାସନାଲ ବୋର୍ଡ ଫର ୱାର୍କରସ ଏଜୁକେଶନ ଆଣ୍ଡ ଡେଭେଲପମେଣ୍ଟ, ଜାମସେଦ ପୁର ଆଞ୍ଚଳିକ ନିର୍ଦ୍ଦେଶାଳୟର ଶିକ୍ଷା ଅଧିକାରୀ ଡ. ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମର ଅଂଶ ଗ୍ରହଣକାରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ। ମହିଳାମାନେ ଧୈର୍ଯ୍ୟର ସହ ଆଗକୁ ବଢ଼ି କିପରି ସଫଳ ଉଦ୍ୟୋଗୀ ହୋଇ ପାରିବେ ସେ ନେଇ ସେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ଜୀବିକା ମିଶନର ଆଠଗଡ଼ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଅକ୍ଷୟ ଭଟ୍ଟ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ସୁବିଧା ଉପରେ ଆଲୋକପାତ କରିଥଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗ୍ରାମୀଣ ମହିଳାମାନଙ୍କୁ ଉତ୍ସାହିତ କରିବା ପାଇଁ ଦୁଇ ସଫଳ ମହିଳା ଉଦ୍ୟୋଗୀ - କଟକର ତାରିଣୀ ଶିଳ୍ପ ସମବାୟ ସମିତିର ସେକ୍ରେଟାରୀ କବିତା ସାହୁ ଓ ଭୁବନେଶ୍ୱର ଧରିତ୍ରୀ ଉଦ୍ୟାନ ପ୍ରାଇଭେଟ୍ ଲିମିଟେଡର ନିର୍ଲିପ୍ତା ଓଝା - ଏହି ଅବସରରେ ସେମାନଙ୍କର ଉଦ୍ୟୋଗୀ ଯାତ୍ରା ଉପରେ କହିବା ସହ ସମସ୍ତଙ୍କୁ ଏକଜୁଟ ହୋଇ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଟାଟା ଷ୍ଟିଲ ଫାଉଣ୍ଡେସନର ଆଠଗଡ଼ ୟୁନିଟ ମୁଖ୍ୟ ଆଶୁତୋଷ କୁମାର ଦାସ ପରିଚାଳନା କରିଥିଲେ।

# ପୁଣି ଏଆଇ କ୍ୟାମେରା ଧରିଲା ଶିକାରୀ

# ୪ ଶିକାରୀ ଗିରଫ ସହ ମାରାଣାସ୍ତ୍ର ଜବତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପୁଣି ଏଆଇ କ୍ୟାମେରା ସହାୟତାରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ୪ଜଣ ଶିକାରୀ ଧରା ପଡ଼ିଛନ୍ତି। ଶିମିଳିପାଳ ଦକ୍ଷିଣ ଡିଭିଜନ ଅନ୍ତର୍ଗତ ଡୁକୁରା ରେଞ୍ଜର କୋର ଏରିଆରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ଧରା ପଡିଛନ୍ତି। ଶିକାର ରୋକିବା ପାଇଁ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ପ୍ରବେଶ ସମୟରେ ଫଟୋ ଆଲର୍ଟ ଆସିଥିଲା। ଏହି ଫଟୋରେ ୩ଜଣ ଶିକାରୀ ବନ୍ଧୁକ ସହିତ କୋର ଏରିଆ ଭିତରେ ପ୍ରବେଶ କରୁଥିବା ଦେଖାଯାଇଥିଲା। ଏହି ଆଲର୍ଟ ପାଇବା ପରେ ଡୁକୁରା ବନ୍ୟଜନ୍ତୁ ରେଞ୍ଜ ଅଧିକାରୀ ତୁରନ୍ତ ତାଙ୍କ ଫିଲ୍ଡ ଷ୍ଟାଫ୍‌ଙ୍କୁ ନେଇ ଉକ୍ତ ସ୍ଥାନକୁ ଯାଇଥିଲେ। ସେଠାରେ ବନ ବିଭାଗ ଦ୍ୱାରା ୪ଜଣ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଗିରଫମାନେ ହେଲେ ବଡ଼ସାହି ଥାନା ଅନ୍ତର୍ଗତ ଚନ୍ଦନ ଚତୁରି ଗ୍ରାମର ସୁନିଲ ଭକ୍ତା (୨୫), ସହଦେବ ମଲ୍ଲିକ (୨୦), ରାମଚନ୍ଦ୍ର ହାନ୍ସଦା (୨୫) ଓ ଧୀରେନ୍ଦ୍ର ମଲ୍ଲିକ (୨୪)। ସହଦେବ ମଲ୍ଲିକ ଓ ସୁନିଲ ଭକ୍ତାଙ୍କ ଶିକାର ନିମନ୍ତେ ବ୍ୟବହୃତ ଦୁଇଟି ଦେଶୀ ବନ୍ଧୁକ ଚନ୍ଦନଚତୁରି-୨ ବିଟ୍‌ର ବନ କର୍ମଚାରୀ ଦ୍ୱାରା ଜବତ କରିଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR
25001/311/2526

e-PROCUREMENT NOTICE NO. Tender Online 22 JJPT of 2025-26

| | | |
|---|---|---|
| 1. | Name of work | : Road Works. |
| 2. | Total No of Work | : 14 Nos. Road Works . |
| 3. | Estimated Cost (Approx.) | : Rs 1.92 to 19.90 Lakhs |
| 4. | Period of Completion | : 10 Days |
| 5. | Class of contractors | : "D & C" Class |

Other details as follows:

| | | |
|---|---|---|
| a) | Procurement officer | : Superintending Engineer, Rural Works Division, Jajpur |
| b) | Availability of tender online & submission of bid | : 09.03.2026 at 10.00 AM to 16.03.2026 upto 5.00 PM |
| c) | Last date & time of seeking of tender clarification | : 16.03.2026 up to 5.00 PM |
| d) | Opening of Technical Bid | :17.03.2026 at 11.30 A.M. |

Further details can be seen from the Govt. website www.tendersodisha.gov.in

Note:- If situation arises the transparent lottery will be held on 19.03.2026 , At 11:30 AM

Sd/- Superintending Engineer
Rural Works Division,
Jajpur

OIPR-25001/25047/1/25-26/0023

# ରାଜ୍ୟ ବଜେଟ୍ : ଓଡ଼ିଶାର ପ୍ରକୃତ ଜିଏସଡିପି ଅଭିବୃଦ୍ଧି ହାର ୭.୯% ରହିଛି

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷର ରାଜ୍ୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯାଜପୁରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଆଲୋଚନା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରେସ୍‌ମିଟରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ଏବଂ ଜିଲ୍ଲାପାଳ ଅମ୍ବର କୁମାର କର ବଜେଟ୍ ୨୦୨୬-୨୭ ର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜାତୀୟ ହାର ତୁଳନାରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ପ୍ରକୃତ ଜିଏସଡିପି ଅଭିବୃଦ୍ଧି ହାର ୭.୯% ରହିଛି, ଯାହା ୨୦୨୪-୨୫ର ୭.୨% ତୁଳନାରେ ଅଧିକ ଏବଂ ଏହା ଜାତୀୟ ହାର ୭.୪% ଠାରୁ ମଧ୍ୟ ଅଧିକ। ରାଜ୍ୟର ମୁଣ୍ଡପିଛା ଆୟ ୯.୨% ବୃଦ୍ଧି ପାଇ ପ୍ରାୟ ୧ ଲକ୍ଷ ୮୬ ହଜାର ଟଙ୍କାରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୀତିରେ କୃଷି କ୍ଷେତ୍ରର




ଅବଦାନ ୧୯.୬% ରହିଛି, ଯାହା ଜାତୀୟ ହାର ୧୬.୮% ଠାରୁ ଅଧିକ। ୨୦୨୫ରେ ୫ ଲକ୍ଷ ୬୬ ହଜାର କୋଟିର ୨୪୪ ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହା ଦ୍ୱାରା ୩ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସର୍ବଭାରତୀୟ ଅର୍ଥନୈତିକ ସର୍ଭେ ୨୦୨୫-୨୬ ଓଡ଼ିଶାକୁ ଏକ 'ମଡେଲ ଷ୍ଟେଟ୍' ଭାବେ ପ୍ରଶଂସା କରିଛି। ସେମିକଣ୍ଡକ୍ଟର ନିବେଶ, ଦକ୍ଷତା ବିକାଶ, ଜୀବିକା ଏବଂ ଜଳବାୟୁ ସହିଷ୍ଣୁ ଭିତ୍ତିଭୂମି ଗଠନ ଯୋଗୁଁ ସମୃଦ୍ଧ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ ଦିଗରେ ସରକାର ଆଗକୁ ବଢୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ବ୍ୟବସାୟୀଙ୍କ ପାଇଁ ଭୟମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫, ଗୋ ସ୍ୱିଫ୍ଟ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଶୀଘ୍ର ପ୍ରକଳ୍ପ ମଞ୍ଜୁରୀ, ଜମି ପ୍ରଶାସନ, କ୍ଷେତ୍ରୀୟ ଲାଇସେନ୍ସ ପ୍ରଦାନରେ ସଂସ୍କାର, ଇଜି ଅଫ୍ ଡୁଇଙ୍ଗ ବିଜିନେସରେ ଉତ୍ତମ ପ୍ରଦର୍ଶନ ଭଳି ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଚଳିତ ବଜେଟର କିଛି ଉଲ୍ଲେଖନୀୟ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ବିବରଣୀ ଦେଇଥିଲେ। ଆଦର୍ଶ ମଣ୍ଡି, ଭିବି ଜି ରାମଜୀ, ଜନଜାତି ଜୀବିକା ମିଶନ, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା, ବିରଳ ମୃତ୍ତିକା କରିଡର, ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ଓ ବ୍ୟାଖ୍ୟାନ କେନ୍ଦ୍ର, ଓଡ଼ିଶା ଏଆଇ ମିଶନ, ଡାଲଖାଇ ଯୋଜନା, ପିଏମ୍ ପୋଷଣ, ସୁଭଦ୍ରା ଶକ୍ତି ସମ୍ବାଦ, ଫିଟ୍ ଇଣ୍ଡିଆ ମିଶନ, ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ, ଆଧୁନିକ ଶସ୍ୟ ଗୋଦାମ ନିର୍ମାଣ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା, ଆଡ଼ିବନ୍ଧ ତିଆରି ଯୋଜନା, ସେତୁ ବନ୍ଧ ଯୋଜନା ଭଳି କିଛି ନୂତନ ଯୋଜନା ସମ୍ପର୍କରେ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଶିକ୍ଷାର ଉନ୍ନତି ପାଇଁ ଐତିହ୍ୟ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ପିଏମ ଶ୍ରୀ ସ୍କୁଲ, ପଞ୍ଚସଖା ଶିକ୍ଷା ସେତୁ, ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଗଙ୍ଗାଧର ମେହେର ଶିକ୍ଷାମାନକ ବୃଦ୍ଧି ଯୋଜନାରେ ଅର୍ଥ ଖର୍ଚ୍ଚ ହେବ। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ନିର୍ମଳ, ନିରାମୟ ଓ ନିଦାନ ଯୋଜନା, ଅଟଳ ରକ୍ତ ଦାନ ଅଭିଯାନ, ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ପାଇଁ ବଜେଟରେ ବ୍ୟୟବରାଦ ହୋଇଛି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ମଧ୍ୟ ବଜେଟରେ ବ୍ୟବସ୍ଥା ରହିଛି। ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ବୃଦ୍ଧାଶ୍ରମ, ମଧୁବାବୁ ପେନସନ୍ ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ପ୍ରେସ ମିଟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲାର ବିକାଶ ଓ ରାଜ୍ୟ ବଜେଟକୁ ନେଇ ମନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱର, ୯ ମାର୍ଚ୍ଚ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

### ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା

# ମମତାଙ୍କ ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓଡ଼ିଶାବାସୀଙ୍କୁ ଦେଇଛି ଆଘାତ



**ଭୁବନେଶ୍ୱର, ୮/୩ ନ୍ୟୁଜ ବ୍ୟୁରୋ**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନବମ ଅନ୍ତରାଷ୍ଟ୍ରୀୟ ସାନ୍ତାଳ ସମାବେଶରେ ଯୋଗ ଦେବାକୁ ଯାଇଥିବା ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ମମତା ଯୋଗ ନଦେବା ଘଟଣାରେ ଶ୍ରୀ ମାଝୀ ବର୍ଷିଛନ୍ତି । ସେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସିଲିଗୁଡ଼ିରେ ଘଟିଥିବା ସାମ୍ପ୍ରତିକ ଘଟଣାକ୍ରମ ଓଡ଼ିଶାବାସୀ ଏବଂ ଭାରତର ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଗଭୀର ଦୁଃଖ ଦେଇଛି ।

ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀ ପାଇଁ ଅନୁମତି ପ୍ରଦାନ ନକରିବା ଏବଂ ସ୍ଥାନର ହଠାତ୍ ସ୍ଥାନାନ୍ତରକୁ କେବଳ 'ଲଜିଷ୍ଟିକ୍ ସମସ୍ୟା' ଭାବରେ ଖାରଜ କରାଯାଇପାରିବ ନାହିଁ । ଏଭଳି ଏକ ତ୍ରୁଟି ଚିନ୍ତାଜନକ ଏବଂ ଦୁର୍ଭାଗ୍ୟଜନକ ବାର୍ତ୍ତା ଦେଉଛି । ରାଇରଙ୍ଗପୁରରୁ ରାଷ୍ଟ୍ରପତି ଭବନକୁ ଯାଇଥିବା ଆମ ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଆମ ପାଇଁ ଗର୍ବ ଏବଂ ଗୌରବ । କିନ୍ତୁ ପଶ୍ଚିମବଙ୍ଗ ସରକାରଙ୍କ ଏଭଳି କାର୍ଯ୍ୟ ଓଡ଼ିଶାବାସୀଙ୍କୁ ଆଘାତ ଦେଇଛି ବୋଲି ଶ୍ରୀ ମାଝୀ ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି ।

### ନନ୍ଦନକାନନରେ ଜନ୍ତୁ ଅଦଳବଦଳ

# ଆସିବେ ୫ ପ୍ରଜାତିର ୧୧ ଜୀବଜନ୍ତୁ : ପ୍ରଥମ ଥର ଆସିବ ରିଙ୍ଗ ଟେଲ୍ଡ ଲେମ୍ବୁର




**ବାରଙ୍ଗ, ୦୮/୦୩ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିବେ ନୂଆ ଅତିଥି । ପ୍ରାଣୀ ଉଦ୍ୟାନରେ ଥିବା ଜୀବଜନ୍ତୁଙ୍କ ରକ୍ତ ସମ୍ପର୍କ ବଦଳାଇ ସେମାନଙ୍କ ମୃତ୍ୟୁ ସଂଖ୍ୟା କମାଇବା ଏହି ଅଦଳବଦଳ ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ । ସେହି ଅନୁଯାୟୀ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବିଶାଖାପାଟଣା ସ୍ଥିତ ଇନ୍ଦିରା ଗାନ୍ଧି ଚିଡ଼ିଆଖାନା ମଧ୍ୟରେ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୫ ପ୍ରଜାତିର ୧୧ ଜୀବଜନ୍ତୁ ଆସିବେ । ଏହାର ପ୍ରତି ବଦଳରେ ୫ ପ୍ରଜାତିର ୧୫ ଜୀବଜନ୍ତୁ ନନ୍ଦନକାନନରୁ ଯାଇଛନ୍ତି ।

ଇନ୍ଦିରା ଗାନ୍ଧି ଚିଡ଼ିଆଖାନାର ଏକ ଟିମ୍ ନନ୍ଦନକାନନରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ବାରାସିଙ୍ଗା, ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ଚଉସିଂଙ୍ଗା, ଦୁଇଟି ଅଣ୍ଡିରା ଓ ଦୁଇଟି ମାଈ ଗୁରାଣ୍ଡି, ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ଘଡ଼ିଆଳ କୁମ୍ଭୀର, ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ଆସାମୀ ମାଙ୍କଡ଼ ନେଇ ଫେରିଛନ୍ତି । ଏହାର ପ୍ରତିବଦଳରେ ଆସନ୍ତା ୧୦ ତାରିଖ ତଥା ମଙ୍ଗଳବାର ମଧ୍ୟରେ ନନ୍ଦନକାନନକୁ ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ବଳିଆ କୁକୁର, ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ରିଙ୍ଗ୍ ଟେଲ ଲେମ୍ବୁର, ଗୋଟିଏ ଅଣ୍ଡିରା କୁକାଟୁଆ, ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ନୀଳଗାଈ, ଦୁଇଟି ଅଣ୍ଡିରା ଓ ଦୁଇଟି ମାଈ ବନେଟ ମାଙ୍କଡ଼ ଆସିବେ ।

# ଆଜି ଶ୍ରୀବିଗ୍ରହଙ୍କ ଖସାପଡା ନୀତି : ୪ ଘଣ୍ଟା ଦର୍ଶନ ବନ୍ଦ



**ପୁରୀ ୮ ।୩ ନ୍ୟୁଜ ବ୍ୟୁରୋ**

ସୋମବାର ଶ୍ରୀବିଗ୍ରହଙ୍କ ହେବ ଖସାପଡା ନୀତି। ସେଥିପାଇଁ ସୋମବାର ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ପାଇଁ ୪ ଘଣ୍ଟା ବନ୍ଦ ରହିବ ଦର୍ଶନ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସୋମବାର ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅନୁଷ୍ଠିତ ହେବ ଏହି ନୀତି। ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ଶେଷ ହେବା ପରେ ସାଧାରଣ ଦର୍ଶନ ସ୍ୱାଭାବିକ ହେବ ବୋଲି ଜଣାପଡିଛି।

### କିଟ୍ ଓ କିସ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# ମହିଳାମାନଙ୍କ ଅବଦାନ ପ୍ରତି କୃତଜ୍ଞତା ଜଣାଇଲେ ଅଚ୍ୟୁତ



**ଭୁବନେଶ୍ୱର, ୮ ।୩ ନ୍ୟୁଜ ବ୍ୟୁରୋ**

କିଟ୍ ଓ କିସ୍ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କ ଅବଦାନ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ସେ କହିଲେ କିଟ୍‌ର ଅଭିବୃଦ୍ଧିରେ ମହିଳା କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ବିଷୟବସ୍ତୁ 'ଗିଭ ଟୁ ଗେନ' ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଅନ୍ୟମାନଙ୍କୁ ଦେବାର ଆନନ୍ଦ ଓ ଏହା ଆଣିବାର ଖୁସି ଅତୁଳନୀୟ । ସେ କହିଲେ, କିଟ୍‌ର ମହିଳା କର୍ମଚାରୀମାନେ କିଟ୍ ଇକୋସିଷ୍ଟମର ମେରୁଦଣ୍ଡ। କିଟ୍ ଶିକ୍ଷାନୁଷ୍ଠାନ ସମୂହରେ ପ୍ରାୟ ୫୦ ପ୍ରତିଶତ ମହିଳା କର୍ମଚାରୀ ରହିଥିବା ସେ ପ୍ରକାଶ କରିଥିଲେ। ନିଜ ମାଆଙ୍କ ଉଦାହରଣ ଦେଇ ସେ କହିଲେ, ମା' ଥିଲେ ତାଙ୍କର ସର୍ବଶ୍ରେଷ୍ଠ ପ୍ରେରଣା। ତାଙ୍କ ମା' ବିଧବା ହେବା ପରେ କିପରି ସମ୍ମାନ ଓ ସାହସର ସହିତ ଜୀବନକୁ ସାମ୍ନା କରିଥିଲେ, ପ୍ରତିକୂଳ ପରିସ୍ଥିତିକୁ ସାମନା କରି ସମାଜରେ ନିଜକୁ ସୁଦୃଢ଼ କରି ପାରିଥିଲେ। ଡ. ସାମନ୍ତଙ୍କ ମା' ତାଙ୍କ ମଧ୍ୟରେ ଯେଉଁ ମୂଲ୍ୟବୋଧ ସୃଷ୍ଟି କରିଥିଲେ ତାହା ଶେଷରେ କିଟ୍ ଓ କିସ୍ ପ୍ରତିଷ୍ଠା ପାଇଁ ପ୍ରେରଣା ଦେଇଥିଲା। ଏହି ଅବସରରେ ମହିଳାମାନେ ନିଜକୁ ସଶକ୍ତ କରିବା ଓ ପରସ୍ପରକୁ ସମର୍ଥନ କରିବା ପାଇଁ ଡ. ସାମନ୍ତ ଉତ୍ସାହିତ କରିଥିଲେ। ପିତାମାତାଙ୍କ ଆଶୀର୍ବାଦ ଅମୂଲ୍ୟ। ପ୍ରତ୍ୟେକ ବ୍ୟକ୍ତି ନିଜନିଜ ପିତାମାତାଙ୍କ ସହିତ ସମୟ ବିତାଇବା ଏବଂ ସେମାନଙ୍କ ଯତ୍ନ ନେବାକୁ ଡ. ସାମନ୍ତ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ; କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ ବହୁ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ପ୍ରଫେସର ପଦ୍ମକଳି ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗ ସ୍ପର୍ଶ କରିବା 'ଯୌନ ନିର୍ଯାତନା' ସହ ସମାନ

### ପୋକ୍ସୋ ମାମଲାରେ ପଞ୍ଚାୟତ କରିପାରିବନି ସାଲିସ

**କଟକ, ୦୮/୦୩ ନ୍ୟୁଜ ବ୍ୟୁରୋ**

ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ଯୌନ ନିର୍ଯାତନା ସହ ସମାନ । ଯଦିଓ ଏଥିରେ ଚର୍ମକୁ ଚର୍ମ ସ୍ପର୍ଶ ହୋଇନି ତଥାପି ଏହାକୁ ଯୌନ ନିର୍ଯାତନା ଆଇନର ଅନ୍ତର୍ଭୁକ୍ତ କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ନିମ୍ନ ଅଦାଲତଙ୍କ ଦ୍ୱାରା ୩ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ ହୋଇଥିବା ଆସାମୀ ଅବିନାଶ ଦିଗଲ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ଜଣେ ନାବାଳିକା ତାଙ୍କ ପରିବାର ଲୋକଙ୍କ ସହ ରାଇକିଆରୁ ବସ୍ ଯୋଗେ ଜି. ଉଦୟଗିରି ଯାଉଥିଲେ । ବସ୍‌ଟି ଷ୍ଟାଣ୍ଡରେ ଛିଡ଼ା ହୋଇଥିଲାବେଳେ ଡାହାଣ ପାର୍ଶ୍ୱରେ ବସିଥିବା



ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ଆସାମୀ ଅବିନାଶ ଦିଗଲ ସ୍ପର୍ଶ କରି ଦୌଡ଼ି ପଳାଇଥିଲା। ନାବାଳିକା ଚିତ୍କାର କରିବାରୁ ପାଖରେ ଥିବା ଲୋକମାନେ ଅବିନାଶକୁ ଘେରି ଯାଇଥିଲେ । ସେ ଧକ୍କା ମାରି ଯଦିଓ ଚାଲିଯାଇଥିଲା କିନ୍ତୁ ଲୋକେ ପୁଲିସକୁ ଖବର ଦେବା ପରେ ତାକୁ ଗିରଫ କରାଯାଇଥିଲା। ଏହି ମାମଲାର ଶୁଣାଣି ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ହୋଇଥିଲା । ଅଦାଲତ ମାମଲାର ଶୁଣାଣି କରି ଆସାମୀ ଅବିନାଶକୁ ୩ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ । ଏହି ଆଦେଶକୁ ଚାଲେଞ୍ଜ୍ କରି ଅବିନାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

ହାଇକୋର୍ଟ ମାମଲାର ରାୟ ପ୍ରକାଶ କରି ନିମ୍ନ ଅଦାଲତଙ୍କ ଆଦେଶକୁ କାଏମ୍ ରଖିଛନ୍ତି । ହାଇକୋର୍ଟ କହିଛନ୍ତି ଯେ, ଚର୍ମକୁ ଚର୍ମ ସ୍ପର୍ଶ କଲେ ଏହା ବଳାତ୍କାର ବୋଲି ଧରାଯାଇଥାଏ। କିନ୍ତୁ ଏହାର ଅର୍ଥ ନୁହେଁ ଜଣେ ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ଯୌନ ନିର୍ଯାତନା ଅନ୍ତର୍ଭୁକ୍ତ ହେବ ନାହିଁ । ଚର୍ମକୁ ଚର୍ମ ସ୍ପର୍ଶ କରିବା କଥାକୁ ବ୍ୟାପକ ଅର୍ଥରେ କୁହାଯାଇଛି। ଏଥିରେ ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ଛୁଇଁବା ବା ସ୍ପର୍ଶ କରିବା ଯୌନ ନିର୍ଯାତନା ଆଇନ ଭିତରେ ଆସିବ। ତେଣୁ ନିମ୍ନ ଅଦାଲତ ଆସାମୀକୁ ଯେଉଁ ଦଫାରେ ଦଣ୍ଡିତ କରିଛନ୍ତି ତାହା ଗ୍ରହଣୀୟ ବୋଲି ହାଇକୋର୍ଟ ମତ ଦେଇଛନ୍ତି ।

ସେହିପରି ପୋକ୍ସୋ (ପ୍ରୋଟେକ୍ସନ୍ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସ) ମାମଲା ବା କୌଣସି ନାବାଳକ/ନାବାଳିକା ସହ ଘଟିଥିବା ଅପରାଧିକ ମାମଲାର ସମାଧାନ ପଞ୍ଚାୟତ ସ୍ତରରେ କରାଯାଇପାରିବ ନାହିଁ । ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଏଭଳି ଘଟଣାକୁ ପଞ୍ଚାୟତର ସରପଞ୍ଚ ହୁଅନ୍ତୁ ବା କିଛି ବରିଷ୍ଠ ବ୍ୟକ୍ତି ହାତକୁ ନେବା ଉଚିତ୍ ନୁହେଁ । ପଞ୍ଚାୟତ କୌଣସି ପ୍ରକାରର ଅଦାଲତ ନୁହେଁ । ଏଭଳି ଘଟଣାକୁ ଆଇନର ଉଲ୍ଲଂଘନ ଧରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍‌ପିମାନଙ୍କୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଧିକାରୀମାନେ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟ ଏବଂ ଅନ୍ୟ ବରିଷ୍ଠ ବ୍ୟକ୍ତିମାନଙ୍କୁ ଏହି ଆଇନ ସମ୍ପର୍କରେ ସଚେତନ କରିବା ଲାଗି ପଦକ୍ଷେପ ନେବେ। ଯଦି କେହି ବି ଭବିଷ୍ୟତରେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ପଞ୍ଚାୟତ ମଧ୍ୟରେ ସୀମିତ ରଖିବାକୁ ବା ସମାଧାନ କରିବାକୁ ଉଦ୍ୟମ କରନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି ।

# ନିଜ ଆୟ ଠାରୁ ୧୨୯% ଅଧିକ ସମ୍ପତ୍ତି ଠୁଳ କରି ସହକାରୀ ଯନ୍ତ୍ରୀ ଗିରଫ

**କଟକ ୮ ।୩ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ କେନ୍ଦ୍ରାପଡ଼ା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ବେଳେ ରବିବାର ତାଙ୍କୁ କଟକ ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ତଦନ୍ତ ସମୟରେ ପ୍ରମୋଦ ରାୟଙ୍କ ପାଖରୁ କୋଟି କୋଟି ଟଙ୍କାର ସମ୍ପତ୍ତି ମିଳିଥିବା ବେଳେ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ । ଏହି ରେଡ୍ ସମୟରେ ତାଙ୍କର ଭୁବନେଶ୍ୱରରେ ପ୍ରାୟ ୮୦୦୦ ବର୍ଗଫୁଟର ଏକ ଚାରି ମହଲା କୋଠା ଏବଂ ଚୌଦ୍ୱାରରେ ୫୨୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା ଠାବ କରାଯାଇଛି । ଏହା ସହିତ ଭୁବନେଶ୍ୱର ଓ ଚୌଦ୍ୱାରରେ ଦୁଇଟି ଦାମୀ ଫ୍ଲାଟ୍, ନଗଦ ୪.୪୮ ଲକ୍ଷ ଟଙ୍କା ଏବଂ ପ୍ରାୟ ୩୯.୨୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ମଧ୍ୟ ଜବତ ହୋଇଛି । ଏହି ସମସ୍ତ ସମ୍ପତ୍ତି ତାଙ୍କର ଜ୍ଞାତ ଆୟଠାରୁ ଯଥେଷ୍ଟ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ପ୍ରମୋଦ ରାୟ ୧୯୮୮ ମସିହାରେ ମାତ୍ର ୧୫୦୦ ଟଙ୍କା ଦରମାରେ ଜଣେ ଜୁନିୟର ଇଞ୍ଜିନିୟର ଭାବେ ଚାକିରି ଆରମ୍ଭ କରିଥିବା ବେଳେ କିଭଳି ଭାବେ ସେ ଏତେ ପରିମାଣର ସମ୍ପତ୍ତି ଠୁଳ କଲେ, ସେ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି । ଗିରଫ ଯନ୍ତ୍ରୀ ନିଜ ଆୟ ଠାରୁ ୧୨୯ ପ୍ରତିଶତ ଅଧିକ ସମ୍ପତ୍ତି ଆୟ ବହିର୍ଭୂତ ଭାବେ ଠୁଳ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଟକ ଭିଜିଲାନ୍ସ ଏସ୍‌ପି କେ. ଭେନୁଗୋପାଲ ଆଚାର୍ଯ୍ୟ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୮/୦୩/୨୦୨୬
୭,୦୪,୪୦୯/- ଟଙ୍କା
ସୁନା:-୦୦ ଗ୍ରାମ୍ ୫୦୦ ମିଲିଗ୍ରାମ
ରୂପା:-୫୧ ଗ୍ରାମ୍ ୫୦୦ ମିଲିଗ୍ରାମ୍

# ୪୭ ପୌର ସଂସ୍ଥାରେ ବିକାଶର ନୂଆ ଯୁଗ : ଉଦ୍‌ଘାଟିତ ହେଲା ୧୮୧ ପ୍ରକଳ୍ପ

**ଭୁବନେଶ୍ୱର, ୮ ।୩ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୪୭ଟି ପୌର ସଂସ୍ଥା ପାଇଁ ୮୬୨ଟି ପ୍ରକଳ୍ପର ଲୋକାର୍ପଣ ହୋଇଛି । ଏଥିରେ ୧୮୧ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି । ଖାରବେଳ ଭବନରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଏହି ଲୋକାର୍ପଣ ହୋଇଥିଲା । ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ଏକ ପୋର୍ଟାଲ ଉନ୍ମୋଚନ କରିଥିଲେ । ପୋର୍ଟାଲ ଦ୍ୱାରା ପୌରାଞ୍ଚଳକୁ ଜିଓଟ୍ୟାଗ୍ କରି ସେଠାରେ ଚାଲିଥିବା ସମସ୍ତ ନିର୍ମାଣ କାମର ଅଗ୍ରଗତି ଜାଣି ହେବ । ଏଥିରୁ ସବୁ ପ୍ରକଳ୍ପର ଆର୍ଥିକ ଓ ନିର୍ମାଣ ଅଗ୍ରଗତି ବାବଦରେ ଟିକିନିଖି ତଥ୍ୟ ମିଳିବ। ମନ୍ତ୍ରୀ ଆହୁରି କହିଥିଲେ, କୌଣସି ପ୍ରକଳ୍ପର ଗୁଣବତ୍ତା ଓ ପରିମାଣରେ ଆଦୌ ସାଲିସ କରାଯିବନି। ଏଥିପାଇଁ ବିଭାଗ ପକ୍ଷରୁ ଏକ ଭିଜିଲାନ୍ସ କମିଟି ଗଢ଼ାଯିବ । ଏହା କମିଟି ବିଭିନ୍ନ ସମୟରେ ପୌରାଞ୍ଚଳକୁ ଅଚାନକ ଯାଇ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ତଦାରଖ କରିବ । ଆଗକୁ ଆମେ ସବୁ ସହରକୁ ବସ୍ତିମୁକ୍ତ କରିବାକୁ ଯୋଜନା କରିଛୁ । ବସ୍ତିବାସିନ୍ଦାଙ୍କର ଭଲରେ ବଞ୍ଚିବାର ଅଧିକାର ଅଛି । ସେମାନେ ବି ସ୍ୱେରେଜ୍, ଡ୍ରେନେଜ୍ ଓ ଅନ୍ୟ ସୁବିଧା ସୁଯୋଗ ପାଇବେ । ଆଗକୁ ବିଭିନ୍ନ ସହରକୁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ଯୋଜନାରେ ସାମିଲ କରିବୁ । ଏଠାରେ ସ୍ୱେରେଜ୍, ଡ୍ରେନେଜ୍ ଓ ଏଆଇ ଭିତ୍ତିଭୂମିର ବିକାଶ କରାଯିବ ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ରାଜ୍ୟର ବିଭିନ୍ନ ସହରରେ ଆଧୁନିକ ତଥା ଉନ୍ନତ ଭିତ୍ତିଭୂମି ସୃଷ୍ଟି ପାଇଁ ଲକ୍ଷ୍ୟ ଅଛି । ଏଥିରେ ଆସନ୍ତା ୫ ବର୍ଷରେ ୬୦୦୦ କୋଟି ଟଙ୍କା ଖର୍ଚ୍ଚ ପାଇଁ ଯୋଜନା ରହିଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୨୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । କୋଟିଏରୁ ଅଧିକ ମୂଲ୍ୟର ପ୍ରାୟ ୨୦୦ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଏବେ ସୁଦ୍ଧା ୪୬୮୫ ପ୍ରକଳ୍ପ ପାଇଁ ଟେଣ୍ଡର ଡକାଯାଇଛି । ୨୭୩୫ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏଥିରେ ୧୦୦ରୁ ଅଧିକ ଗୋଶାଳା, ୪୦ରୁ ଅଧିକ ଅଫିସ୍ କୋଠା, ୧୦୦ରୁ ଅଧିକ ମାର୍କେଟ କମ୍ପ୍ଲେକ୍ସ ଏବଂ ୧୦ରୁ ଅଧିକ ଇଭି ଚାର୍ଜିଂ ଷ୍ଟେସନ ତିଆରି କରାଯିବ । ସବୁ ପ୍ରକଳ୍ପକୁ ଶୀଘ୍ର ଆରମ୍ଭ ପାଇଁ ନଗର ଉନ୍ନୟନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ବିନୟ ଦାସ, ସୌରିନ୍ଦ୍ର କୁମାର ରାଉତରାୟ ଓ ଶୁଭେନ୍ଦୁ ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ, ବ୍ରହ୍ମପୁର ମହାନଗର ନିଗମର ମେୟରଙ୍କ ସମେତ ୪୭ଟି ପୌର ସଂସ୍ଥାର ଅଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଭିସି ଯୋଗେ ଯୋଡ଼ି ହୋଇଥିଲେ ବୋଲି ସୂଚନା ମିଳିଛି।

# ମହିଳା ସଶକ୍ତିକରଣର ସୃଷ୍ଟିକର୍ତ୍ତା ଥିଲେ ବିଜୁବାବୁ : ନବୀନ




**ଭୁବନେଶ୍ୱର ୮ ।୩ ନ୍ୟୁଜ ବ୍ୟୁରୋ**

ମହିଳା ଦିବସରେ ସରକାରଙ୍କୁ କଟାକ୍ଷ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଶ୍ୱ ମହିଳା ଦିବସ ଅବସରରେ ଶ୍ରୀ ପଟ୍ଟନାୟକ ମହିଳାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସମାଜ, ଦେଶ ଓ ବିଶ୍ୱ ମାଆ ବିନା କେହି ନାହିଁ । ପ୍ରିୟ ନେତା ବିଜୁ ବାବୁ ଏହା ଭଲ ଭାବେ ବୁଝିଥିଲେ। ତାଙ୍କ ସମୟରେ ଆରମ୍ଭ କରିଥିଲେ ନାରୀ ସଶକ୍ତିକରଣ। ବିଜୁ ବାବୁ ଦେଶରେ ମହିଳା ସଶକ୍ତିକରଣ ଆରମ୍ଭ କରିଥିଲେ। ବିଜେଡି ସରକାର ମାଆ ବିକାଶରେ ଅନେକ ଐତିହାସିକ ପଦକ୍ଷେପ ନେଇଥିଲେ । ହେଲେ ଏବେ ସମୟରେ ମାଆମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । ଶୁଣିବାକୁ କେହି ନାହିଁ । ବିଜେଡି ମହିଳା ସମ୍ମାନ ଓ ସଶକ୍ତିକରଣ ପାଇଁ ଲଢେଇ ଜାରି ରଖିବ । ଆପଣମାନେ ହେଉଛନ୍ତି ବିଜେଡିର ନୀତି ଓ ଆଦର୍ଶ । ମାଆମାନଙ୍କୁ ରାଜନୈତିକ ଓ ଅର୍ଥନୈତିକ ସଶକ୍ତିକରଣ ବିଜେଡିର ଲକ୍ଷ୍ୟ । ଆଜିର ସୁନ୍ଦର କାର୍ଯ୍ୟକ୍ରମ ପାଇଁ ମହିଳା ବିଜେଡିକୁ ବହୁତ ବହୁତ ଧନ୍ୟବାଦ ବୋଲି ଶେଷରେ ନବୀନ ପଟ୍ଟନାୟକ କହିଥିଲେ।

# ଝିଅକୁ ବୋଝ ଭାବି କରାଉଛନ୍ତି ବାଲ୍ୟବିବାହ : ପୂର୍ବ ତୁଳନାରେ ବଢ଼ିଛି ୨%

**ପୁରୀ ୦୮/୦୩ ନ୍ୟୁଜ ବ୍ୟୁରୋ**

ଦୁନିଆ କ'ଣ ଜାଣିବା ଆଗରୁ ଦୁନିଆର ବୋଝ ସମ୍ଭାଳୁଛନ୍ତି । ଶିକ୍ଷା ସମାପ୍ତ ନ ହେଉଣୁ ସଂସାର ଗଢୁଛନ୍ତି । ପୁରୀ ଜିଲ୍ଲାର ୧୦ ଭାଗ ଝିଅ ବାଲ୍ୟବିବାହ କବଳରେ ରହିଛନ୍ତି । ପୂର୍ବ ତୁଳନାରେ ଜିଲ୍ଲାରେ ବାଲ୍ୟ ବିବାହ ହାର ବୃଦ୍ଧି ପାଇଛି । ଶେଷ ଥର ପାଇଁ ୨୦୧୯-୨୧ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି, ଜିଲ୍ଲାରେ ୨୦ରୁ ୨୪ ବର୍ଷ ବୟସ ବର୍ଗରେ ଥିବା ୧୦.୨% ଝିଅ ୧୮ ବର୍ଷ ନ ହେଉଣୁ ବିବାହ କରିଛନ୍ତି । ପୂର୍ବରୁ ଜିଲ୍ଲାରେ ୧୦୦ରୁ ୮ ଜଣ ଝିଅ ବାଲ୍ୟ ବିବାହ କରୁଥିଲେ । ଏବେ ଜିଲ୍ଲାରେ ବାଲ୍ୟବିବାହ ହାର ୨% ବୃଦ୍ଧି ପାଇଛି । ସାରା ବିଶ୍ୱ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଥିବା ବେଳେ ଏବେ ବି ଅନେକ ଝିଅ ବାଲ୍ୟ ବିବାହର ଯାତନାରେ ଯୁଝି ହେଉଛନ୍ତି । ଏବେ ବି ଅନେକ ଝିଅଙ୍କୁ ବୋଝ ମଣି ବାଲ୍ୟ ବିବାହ କରାଉଛନ୍ତି। ୧୫ରୁ ୧୯ ବର୍ଷ ବୟସ ମଧ୍ୟରେ ଜିଲ୍ଲାର ୪% ଝିଅ ମା' ହେଉଛନ୍ତି । ଯାହାଦ୍ୱାରା ପରବର୍ତ୍ତୀ ସମୟରେ ସେମାନଙ୍କୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ପେଣ୍ଠକଟା ଓ ବାଲିନୋଳିଆ ସାହି ଭଳି ମତ୍ସ୍ୟଜୀବୀ ସଂପ୍ରଦାୟରେ ସର୍ବାଧିକ ବାଲ୍ୟବିବାହ ହେଉଛି । ଆନ୍ଧ୍ରପ୍ରଦେଶରୁ ଆସି ଓଡ଼ିଶାରେ ରହୁଥିବା ମତ୍ସ୍ୟଜୀବୀ ସଂପ୍ରଦାୟରେ ବାଲ୍ୟବିବାହ ହାର ସର୍ବାଧିକ ରହିଛି । ପୁରୀ ସେବାୟତ ସଂପ୍ରଦାୟରେ ମଧ୍ୟ ବାଲ୍ୟବିବାହ ଏକ ବ୍ୟାଧି ପାଲଟିଛି । ଏହାସହ ଅନୁସୂଚିତ ଜାତି ସମୁଦାୟରେ ମଧ୍ୟ ବାଲ୍ୟ ବିବାହ ବ୍ୟାପକ ମାତ୍ରାରେ ହେଉଛି । ପୁରୀ ଜିଲ୍ଲାର ବ୍ରହ୍ମଗିରି ବ୍ଲକ ଓ ଡେଲାଙ୍ଗ ବ୍ଲକରେ ବାଲ୍ୟବିବାହ ମାତ୍ରା ଢେର ଅଧିକ ରହିଛି । ବ୍ରହ୍ମଗିରି ଓ ଡେଲାଙ୍ଗ ବ୍ଲକରେ ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ବର୍ଗରେ ବାଲ୍ୟ ବିବାହ ବଢୁଥିବା ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ଘର ଲୋକଙ୍କ ଚାପରେ ଝିଅଟିଏ ବାଲ୍ୟବିବାହ କରୁଥିବା ବେଳେ କେତେକ ସ୍ଥାନରେ ଝିଅଟିଏ ନିଜ ଇଚ୍ଛାରେ ବାଲ୍ୟ ବିବାହ କରୁଛି। ଅଧିକାଂଶ କ୍ଷେତ୍ରରେ ଘରଠାରୁ ଦୂରରେ ରହି ପଢ଼ିବା ସମୟରେ ଝିଅ ନିଜ ପସନ୍ଦର ସାଥୀ ବାଛି ୧୮ ବର୍ଷ ନ ହେଉଣୁ ବିବାହ କରୁଛି । ବ୍ରହ୍ମଗିରି, ପିପିଲି ଏବଂ ଡେଲାଙ୍ଗରୁ ଏଭଳି ଅଧିକ ମାମଲା ଆସୁଛି । ଏସବୁ ଅଞ୍ଚଳରେ ପ୍ରାୟ ୧୫% ବାଲ୍ୟବିବାହ ମାମଲା ରହୁଛି । ଅନ୍ୟପକ୍ଷରେ ଅଳ୍ପ ବୟସରୁ ବିବାହ କଲେ ଭଲ ବରପାତ୍ର ମିଳିବା ଲୋଭରେ ପରିବାର ଲୋକେ ଝିଅକୁ ୧୮ ବର୍ଷ ନ ହେଉଣୁ ବାହା କରାଇ ଦେଉଛନ୍ତି । ପୁରୀରେ ହେଉଥିବା ବାଲ୍ୟବିବାହ ପଛରେ ସବୁଠାରୁ ବଡ଼ କାରଣ ସାଜିଛି ଗରିବୀ । ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ମୁତାବକ, ଆର୍ଥିକ ଅନୁନ୍ନତ ଶ୍ରେଣୀର ବାପା ମା'ଙ୍କ ଚିନ୍ତାଧାରା ରହିଛି ଯେ ଝିଅକୁ ବାହା କରାଇଦେଲେ ସେମାନଙ୍କର ଆର୍ଥିକ ବୋଝ ହ୍ରାସ ପାଇବ। ନିଜର ଭବିଷ୍ୟତକୁ ସ୍ୱଚ୍ଛଳ କରିବାକୁ ଅନେକ ନାବାଳିକା ଏଥିପାଇଁ ସହଜରେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ସ୍କୁଲ ଶିକ୍ଷା ସମାପ୍ତ ପରେ ଉଚ୍ଚ ଶିକ୍ଷା ହାସଲ କରୁନଥିବା ଝିଅଙ୍କ କ୍ଷେତ୍ରରେ ଅଧିକ ବାଲ୍ୟବିବାହ ହେଉଛି। ଏବେ ବି ଅନେକ ଗ୍ରାମୀଣ ଅଞ୍ଚଳର ନିକଟତମ ସ୍ଥାନରେ କଲେଜ ନାହିଁ । ଫଳରେ ବାପା ମା' ଝିଅକୁ ଦୂର କଲେଜକୁ ପଠାଇବାକୁ ସଙ୍କୋଚ କରି ପାଠପଢ଼ାରେ ବେଡ଼ି ଲଗାଉଛନ୍ତି । ଯାହାଦ୍ୱାରା ପରବର୍ତ୍ତୀ ସମୟରେ ସେମାନଙ୍କୁ ବାଲ୍ୟବିବାହ କରିବାକୁ ଚାପ ପଡୁଛି । ବାଲ୍ୟ ବିବାହ ରୋକିବାକୁ ସରକାରୀ ସ୍ତରରେ ଅନେକ ପ୍ରୟାସ ଚାଲିଛି । ସାପ୍ତାହିକ ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟବିବାହ ନ କରିବା ପାଇଁ କିଶୋରୀଙ୍କୁ ସଚେତନ କରାଯାଉଛି । ବିଦ୍ୟାଳୟ ସ୍ତରରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହେଉଛି । ହେଲେ ଏବେ ବି ଅନେକ ସ୍ଥାନରେ ସଚେତନତା ଅପହଞ୍ଚ ଥିବାରୁ ବାଲ୍ୟବିବାହ ପ୍ରତିରୋଧ ଆଶାତୀତ ଭାବେ ସଫଳ ହୋଇପାରିନାହିଁ। ବାଲ୍ୟ ବିବାହ ରୋକିବା ଦିଗରେ କାର୍ଯ୍ୟରତ ୟୁନିସେଫର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ଗରିବୀ ଓ ଶିକ୍ଷାର ଅଭାବ ହିଁ ବାଲ୍ୟ ବିବାହର ମୁଖ୍ୟ କାରଣ। ଏହାସହ ସାମାଜିକ କାରଣ, ଯେପରିକି ଝିଅକୁ ବୋଝ ଭାବିବା, ଝିଅକୁ ନେଇ ପାରିପାର୍ଶ୍ୱିକ ଚାପ ପଡ଼ିବା। ଅନ୍ୟପକ୍ଷରେ ଧାର୍ମିକ ଓ ପାରମ୍ପରିକ କାରଣ ଯେପରିକି କନ୍ୟା ଦାନ କଲେ ପୁଣ୍ୟ ମିଳେ ବୋଲି ଭାବିବା, ନାତି ଅଣନାତି ଦେଖିଲେ ସ୍ୱର୍ଗପ୍ରାପ୍ତି ହେବ ବୋଲି ଅନ୍ଧବିଶ୍ୱାସରେ ପଡ଼ି ମଧ୍ୟ ଅନେକ ବାପା ମା' ବାଲ୍ୟ ବିବାହ କରାଉଛନ୍ତି । ଅନେକ ପ୍ରଶାସନିକ କାରଣ ମଧ୍ୟ ରହିଛି। ଯେପରିକି କମ୍ ଉପସ୍ଥାନ ବିଶିଷ୍ଟ ଅନେକ ସ୍କୁଲ ବନ୍ଦ ହେବା, ଯାହାଦ୍ୱାରା ଅନେକ ଅଭିଭାବକ ଝିଅକୁ ଦୂର ସ୍କୁଲକୁ ନ ଛାଡ଼ି ପାଠପଢ଼ା ବନ୍ଦ କରାଇ ବିବାହ କରାଇଦେଉଛନ୍ତି । ରେସିଡେନ୍ସିଆଲ ସ୍କୁଲରେ ପଢୁଥିବା ଝିଅମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ନ ଦେବାରୁ ସେମାନେ ମଧ୍ୟ ପାଠପଢ଼ା ଛାଡ଼ି ଦେଉଛନ୍ତି । ଏଭଳି ଅନେକ ବିନ୍ଦୁ ଉପରେ ଗୁରୁତ୍ୱ ଦେଲେ ଏବଂ ସଚେତନତା ବୃଦ୍ଧି କଲେ ବାଲ୍ୟ ବିବାହକୁ ରୋକାଯାଇପାରିବ ବୋଲି ଅଧିକାରୀ ଜଣକ କହିଛନ୍ତି ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ଏବେ ବଜାରରେ ଉପଲବ୍ଧ...**

ମାସିକ ଗଳ୍ପ ପତ୍ରିକା "କଥାକଳିକା"
ମାର୍ଚ୍ଚ-୨୦୨୬, ୧୨ଶ ଜନ୍ମବାର୍ଷିକ ବିଶେଷାଙ୍କ




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।
**ସମକାଳର କଥା :** ରଞ୍ଜନ କୁମାର ଦାସ, ଅଜୟ ମହାପାତ୍ର, ଅମରେଶ ବିଶ୍ୱାଳ, ପ୍ରତାପ ବିଶ୍ୱାଳ, ମନୋଜ ଜେନା, ଲକ୍ଷ୍ମୀ ଚାନ୍ଦ୍, କମଳା ଶତପଥୀ, ସଚ୍ଚିଦାନନ୍ଦ କର, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ରେବା ପଟ୍ଟନାୟକ, ସୁକାନ୍ତି ରାଉତ, ପ୍ରଣିତା ରାଣୀ ବେହେରା, ସ୍ୱାଗତିକା ସେଠୀ, ସଞ୍ଜୁକ୍ତା ତ୍ରିପାଠୀ, ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ନମିତା ଦାଶ, ବରଦା ପ୍ରସନ୍ନ ଦାସ, ସ୍ନିଗ୍ଧା ନାୟକ, ବାସନ୍ତୀ ଦାସ, କବିତା ମିଶ୍ର, ଶଶୀକାନ୍ତ ରାଉତ, ଅରବିନ୍ଦ ଦାସ।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ, କନକ ମଂଜରୀ ସାହୁ।
**ଯୁବ ମାନସର କଥା :** ସ୍ରୋତସ୍ୱିନୀ ପରିଡ଼ା, ସରିତା ସିଂହ ମହାନ୍ତି, ରୀତାଞ୍ଜଳି ସାହୁ, ରୁମାଲି ନନ୍ଦ, ଚିନ୍ମୟୀ ପଣ୍ଡା।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୧୩୨/ ମୂଲ୍ୟ ୭୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)